ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୧ ମେ, ୨୦୧୯

ଭଗବାନଙ୍କ ନାମ ଜପିଲେ ମଣିଷର ଦେହ, ମନ ସବୁ ଶୁଦ୍ଧ ହୋଇଯାଏ ।
- ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ୨ ବାଇକ୍ ମୁହାଁମୁହିଁ ଧକ୍କା, ଜଣେ ଗୁରୁତର ଗୋଟିଏକୁ ଛାଡ଼ିଦେଇ ହରଡ଼ଘଣାରେ ପୋଲିସ

**ବାଲକାଟୀ,୨୦।୫(ଡି.ଏନ୍.ଏ.):** ବାଲକାଟୀର ଭାର୍ଗବୀ ସେତୁ ଉପରେ ରବିବାର ରାତିରେ ଗୋଟିଏ ବୁଲେଟ୍ ଓ ବାଇକ୍ ମୁହାଁମୁହିଁ ଧକ୍କାରେ ବାଇକ ଚାଳକ ଜଣକ ଗୁରୁତର ହୋଇଛନ୍ତି। ଖବରପାଇ ବାଲକାଟୀ ପିସିଆର୍ ପହଞ୍ଚି ୨ମୋଟରସାଇକେଲକୁ ଜବତ କରି ଫାଣ୍ଡିକୁ ଆଣି ବାଇକ୍‌କୁ ରଖି ବୁଲେଟ ସହ ଚାଳକକୁ ଛାଡି ଦେଇଥିବାରୁ ଏବେ ହରଡ଼ଘଣାରେ ପଡିଯାଇଛି ପୋଲିସ। ଗୁରୁତର ଯୁବକର ସମ୍ପର୍କୀୟଙ୍କ ସୂଚନା ମୁତାବକ, ରବିବାର ରାତି ୧୧ଟା ୩୦ରେ ବାଲିପାଟଣା ଥାନା ଅଚ୍ୟୁତପୁର ଗ୍ରାମର ବିଶ୍ୱଜିତ ନାୟକ ନିଜ ବାଇକ(ନଂ ଓଆର ୦୨ ବିଜେ ୧୭୯୫) ଯୋଗେ ଭୁବନେଶ୍ୱରରୁ ଘରକୁ ଫେରୁଥିଲେ। ଅପରପକ୍ଷେ ଦ୍ରୁତଗତିରେ ଆସୁଥିବା ଉକ୍ତ ବୁଲେଟ( ନଂ ଓଡି ୦୨ ଏପି ୦୬୭୩)ଟି ଭାର୍ଗବୀ ସେତୁ ଉପରେ ବିଶ୍ୱଜିତ ଗାଡ଼ିକୁ ଧକ୍କା ଦେଇଥିଲା। ଧକ୍କାରେ ବିଶ୍ୱଜିତ ଗୁରୁତର ହେବାରୁ ସ୍ଥାନୀୟ ଲୋକେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲେ। ଖବରପାଇ ପିସିଆର ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଉଭୟ ଗାଡ଼ିକୁ ଫାଣ୍ଡିକୁ ଆଣିଥିଲା। ଡାକ୍ତରଖାନାରେ ବିଶ୍ୱଜିତ ମୃତ୍ୟୁ ସହ ସଂଘର୍ଷ କରୁଥିବା ବେଳେ ଏପଟେ ରାତାରାତି ଦୁର୍ଘଟଣା ଘଟାଇଥିବା ବୁଲେଟ ଓ ଚାଳକକୁ ଫାଣ୍ଡି ପୋଲିସ ଛାଡ଼ିଦେଇଥିଲା। ପରେ ବିଶ୍ୱଜିତଙ୍କ ସମ୍ପର୍କୀୟ ଘଟଣା ସମ୍ପର୍କରେ ଏତଲା ଦେବାକୁ ଯାଇଥିବା ବେଳେ ଫାଣ୍ଡିବାବୁ ନ ଥିବାବେଳେ ଜବତ ବୁଲେଟକୁ ନ ପାଇ ଆଶ୍ଚର୍ଯ୍ୟ ହୋଇଥିଲେ। ସମ୍ପର୍କୀୟ ଜଣକ ପୁଣି ସୋମବାର ଫାଣ୍ଡିକୁ ଯାଇ ବୁଲେଟ ସମ୍ପର୍କରେ ପଚାରିବାରୁ ପୋଲିସର ସନ୍ତୋଷଜନକ ଉତ୍ତର ନ ପାଇ ହୋହଲ୍ଲା କରିଥିଲେ। ଏ ସମ୍ପର୍କରେ ଫାଣ୍ଡି ଅଧିକାରୀ ଦେବେନ୍ଦ୍ର କୁମାର ସାହୁ କୁହନ୍ତି, ଗତ ରାତିରେ ପୁଅ ଦେହ ଖରାପ ଥିବାରୁ ଫାଣ୍ଡିରେ ମୁଁ ଅନୁପସ୍ଥିତ ଥିଲି। ବୁଲେଟକୁ ପିସିଆର ଦାୟିତ୍ୱରେ ଥିବା କର୍ମଚାରୀ ଛାଡିଦେଇଥିବା ଅଭିଯୋଗ ହୋଇଛି। ତେଣୁ ପୋଲିସ ପୁଣି ବୁଲେଟକୁ ଆଣିବାର ପାୱାର ଅଛି। ଆଇନ ଅନୁଯାୟୀ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ, ଏଥିରେ ସନ୍ଦେହ ନାହିଁ ବୋଲି କହିଥିଲେ। ତେବେ ଜବତ ବୁଲେଟକୁ ରାତି ଅଧରେ କେଉଁ ପରିସ୍ଥିତିରେ ଛାଡ଼ିଦେବା ତାହା ତଦନ୍ତ ସାପେକ୍ଷ ଏବଂ ଡ୍ୟୁଟିରେ ଥିବା ପୋଲିସ ବାବୁଙ୍କ କାର୍ଯ୍ୟକଳାପ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ଗୁରୁତର ବିଶ୍ୱଜିତଙ୍କ ସମ୍ପର୍କୀୟ କହିଛନ୍ତି।

### ପ୍ରତିଶ୍ରୁତି ପରେ ବି ସୋମବାର ଆସିଲାନି ବିଦ୍ୟୁତ୍ ୧୮ଦିନ ଅନ୍ଧାରରେ ବାଲକାଟୀ

**ବାଲକାଟୀ,୨୦।୫(ଡି.ଏନ୍.ଏ.):** ଫନୀ ପ୍ରଭାବରେ ଭୁଶୁଡ଼ି ପଡ଼ିଛି ରାଜଧାନୀ ଉପକଣ୍ଠ ବାଲକାଟୀର ବିଦ୍ୟୁତ ବ୍ୟବସ୍ଥା। ୧୮ଦିନ ଗଲା ପରେ ବି ବାଲକାଟୀକୁ ବିଦ୍ୟୁତ ଯୋଗାଣ ବ୍ୟବସ୍ଥା ସମ୍ଭବ ହୋଇପାରିନି। ପ୍ରବଳ ଗ୍ରୀଷ୍ମ ଓ ଗୁଳୁଗୁଳିରେ ଲୋକେ ହୀନସ୍ତା ହେଉଛନ୍ତି। ସେସୁ ଯନ୍ତ୍ରୀଙ୍କ ସୋମବାର ସୁଦ୍ଧା ବିଦ୍ୟୁତ ସଂଯୋଗ ପ୍ରତିଶ୍ରୁତି ମିଛ ପାଲଟିଛି। ସେସୁ ଯନ୍ତ୍ରୀ ତନ୍ମୟ ପୃଷ୍ଟିଙ୍କ ପୂର୍ବ ସୂଚନା ମୁତାବକ, ଫନୀ ଯୋଗୁ ତାଙ୍କ ଅଧୀନରେ ୨କୋଟି ଟଙ୍କାର ସେସୁର କ୍ଷତି ଘଟିଥିଲା। ବାତ୍ୟାର ୯ଦିନ ପରେ ସେସୁ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା। ଏଥିରେ ସେସୁ ୨୧କର୍ମଚାରୀ, ସ୍ଥାନୀୟ ଜଣେ ଠିକାଦାରଙ୍କ ୩୦ଜଣ କର୍ମଚାରୀ, ନୟାଗଡ଼, ବୌଦ୍ଧ, ଆନ୍ଧ୍ର, ତେଲେଙ୍ଗାନା ଓ ପଶ୍ଚିମବଙ୍ଗରୁ ପ୍ରାୟ ୨ଶହ ଜଣ କର୍ମଚାରୀ କାମ ତ୍ୱରାନ୍ୱିତ କରିଥିଲେ। କିନ୍ତୁ ବାହାରୁ ଆସିଥିବା କର୍ମଚାରୀଙ୍କୁ ଠିକ ଭାବେ ଖାଦ୍ୟ ନ ଦିଆଯିବାରୁ କେତେଜଣ ଛାଡି ଚାଲିଯାଇଥିଲେ। ପରିଚାଳନାଗତ ତ୍ରୁଟି ଯୋଗୁ ଏବଂ ଅନାମଧେୟ ଠିକାଦାରଙ୍କୁ ପୁନରୁଦ୍ଧାର ଦାୟିତ୍ୱ ଦେବା ଯୋଗୁ ଏବେ ବି ପଡିଥିବା ଖୁଣ୍ଟ ଉଠି ନାହିଁ। ଦାୟିତ୍ୱରେ ଥିବା ଯନ୍ତ୍ରୀ ପ୍ରକୃତି ଅବସ୍ଥା ନ ଦେଖି ସୋମବାର ସୁଦ୍ଧା ବିଦ୍ୟୁତ ଆସିବାର ଦେଇଥିବା ପ୍ରତିଶ୍ରୁତି ଧରାପଡ଼ିଛି। ଗତ ୧୮ଦିନ ହେଲାଣି ବ୍ୟବସାୟୀ ବହୁଳ ବାଲକାଟୀ ବଜାର ଅନ୍ଧାରରେ, ପାଞ୍ଚଟି ବ୍ୟାଙ୍କ ସେବା ବ୍ୟାହତ, ଏଟିଏମ ଅଚଳ ଓ ସନ୍ଧ୍ୟା ହେଲେ ଅସାମାଜିକ ଲୋକଙ୍କ ରାଜୁତି ବଢ଼ିଯାଉଛି। ଅନ୍ୟପକ୍ଷେ ଲୋକଙ୍କ ଅସହ୍ୟ ଗରମ ସହି ନ ପାରି ଏବେ ରାଜରାସ୍ତାକୁ ଓହ୍ଲାଇବାକୁ ଧମକ ଦେଇଛନ୍ତି। ଏ ନେଇ ଯନ୍ତ୍ରୀ ତନ୍ମୟ ପୃଷ୍ଟି କୁହନ୍ତି, ଆମେ ଲୋକଙ୍କ ଅବସ୍ଥାକୁ ବୁଝିପାରୁଛୁ। ଯୁଦ୍ଧକାଳୀନ ଭିତ୍ତିରେ ପ୍ରଚେଷ୍ଟା ଚାଲିଥିବା ବେଳେ ଲୋକଙ୍କ ସହଯୋଗ ଦରକାର ବୋଲି କହିଛନ୍ତି।

## ■ଭୋଟ୍ ଗଣତି ପାଇଁ କମିଶନରେଟ ପୋଲିସର ସୁରକ୍ଷା ବ୍ୟବସ୍ଥା

# ଟ୍ୱିନ୍ ସିଟିରେ ମୁତୟନ ହେବେ ୩୨ ପ୍ଲାଟୁନ ଫୋର୍ସ

**ଭୁବନେଶ୍ୱର, ୨୦।୫(ବ୍ୟୁରୋ)**

ଗୁରୁବାର ଭୋଟ ଗଣତି। ଏହାକୁ ନେଇ ଏବେ ଉତ୍କଣ୍ଠା ବଢ଼ିବାରେ ଲାଗିଛି। ତେବେ ଉକ୍ତ ଦିନ କମିଶନରେଟ ପୋଲିସ୍ ପକ୍ଷରୁ ଟ୍ୱିନ୍ ସିଟିରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଭୁବନେଶ୍ୱରରେ ୨୦ ପ୍ଲାଟୁନ୍ ଓ କଟକରେ ୧୨ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ହେବ। ଭୁବନେଶ୍ୱରରେ ବିଜେବି କଲେଜ, କଟକରେ ବୋଷ ଇଞ୍ଜିନିୟରିଂ କଲେଜ ଓ ସେଣ୍ଟ୍ରାଲ ସ୍କୁଲରେ ଭୋଟ ଗଣତି ହେବ। ଏହି ଦୁଇଟି ସ୍ଥାନରେ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ହୋଇଛି। ସେହିଭଳି ଭୋଟ ଗଣତି ଶେଷ ପର୍ଯ୍ୟନ୍ତ ଦଳୀୟ ଏଜେଣ୍ଟମାନଙ୍କୁ ଛାଡ଼ି ଅନ୍ୟକାହାକୁ ଗଣତି କେନ୍ଦ୍ର ମଧ୍ୟକୁ ଛଡାଯିବ ନାହିଁ। ବରିଷ୍ଠ ପୋଲିସ ଅଧିକାରୀମାନେ କଣ୍ଟ୍ରୋଲ ରୁମ୍‌ରେ ରହି ପ୍ରତିଟି ସିସିଟିଭି ଫୁଟେଜର ଅନୁଧ୍ୟାନ କରିବେ। ତ୍ରୁଟି ଦେଖାଦେଲେ ତୁରନ୍ତ ଜଣାଇବାକୁ ପୋଲିସ କମିଶନର ସତ୍ୟଜିତ ମହାନ୍ତି ନିର୍ଦ୍ଦେଶ ଦେଇଛନ୍ତି। କମିଶନରେଟ ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ବୈଠକରେ କମିଶନର ମହାନ୍ତି ଏ ସଂକ୍ରାନ୍ତରେ ସୂଚନା ଦେଇ କହିଛନ୍ତି, ଭୋଟ ଗଣତି କେନ୍ଦ୍ର ନିକଟ ରାସ୍ତାରେ ଭିଡ ହେବା ଆଶଙ୍କା କରାଯାଉଛି। ଭିଡ ନିୟନ୍ତ୍ରଣ ପାଇଁ ମଧ୍ୟ ସେଠାରେ ଟ୍ରାଫିକ୍ ପୋଲିସ ନିୟୋଜିତ କରାଯିବ। ନିର୍ବାଚନ ଫଳ ପ୍ରକାଶ ପାଇବା ପରେ କୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ପୋଲିସ ପୂରା ପ୍ରସ୍ତୁତ ରହିଛି। ପ୍ରମୁଖ ରାଜନୈତିକ ଦଳର କାର୍ଯ୍ୟାଳୟ ଓ ରାଜନେତାଙ୍କ ଘରକୁ ସ୍ୱତନ୍ତ୍ର ସୁରକ୍ଷା ଦେବାକୁ ବ୍ୟବସ୍ଥା ହୋଇଛି। ଏହାସହ ରାତିରେ ଅସାମାଜିକ କାର୍ଯ୍ୟାକଳାପ ବଢିବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ଟ୍ୱିନ୍‌ସିଟିରେ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରାଯିବ। ଏହାସହ ବିଳମ୍ବିତ ରାତିରେ ବ୍ଲକିଂ ଓ ଚେକିଂ କରାଯିବାକୁ କମିଶନର ନିର୍ଦ୍ଦେଶ ଦେଇଛନ୍ତି।

### ■ତ୍ରୟମାସିକ ଅପରାଧ ନିୟନ୍ତ୍ରଣ ବୈଠକ
### 'ଓଭରବ୍ରିଜ୍‌ରୁ ଲୁଟ୍ କରୁଥିବା ଗ୍ୟାଙ୍ଗ୍‌କୁ ଧର'

କମିଶନ୍‌ରେଟ ପୋଲିସ ମୁଖ୍ୟାଳୟରେ ତ୍ରୟ ମାସିକ ଅପରାଧ ନିୟନ୍ତ୍ରଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଭରବ୍ରିଜ ଉପରେ ବାରମ୍ବାର ଲୁଟ୍ ଘଟଣା ଫୋକସରେ ରହିଥିଲା। ତୁରନ୍ତ ଲୁଟେରା ଗ୍ୟାଙ୍ଗ୍‌କୁ ଧରିବାକୁ ପୋଲିସ କମିଶନର ସତ୍ୟଜିତ ମହାନ୍ତି ସ୍ଥାନୀୟ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଥାନାଗୁଡିକରେ ପଡିରହିଥିବା ହତ୍ୟା, ଲୁଟ୍, ବଳାତ୍କାର, ଚୋରି ଆଦି ମାମଲାଗୁଡିକର ତଦନ୍ତ ତୁରନ୍ତ ଶେଷ କରିବା ପାଇଁ କୁହାଯାଇଛି। ସେହିଭଳି ଅନୁସୂଚିତ ଜାତି ଏବଂ ଜନଜାତି ମାମଲାଗୁଡିକ ଉପରେ ଗୁରୁତ୍ୱ ଦେବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଥାନାକୁ ଅଭିଯୋଗ କରିବାକୁ ଆସୁଥିବା ଲୋକଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ ସହ ଥାନାରେ ପାନୀୟ ଜଳର ବ୍ୟବସ୍ଥା କରିବା ଓ ପ୍ରତୀକ୍ଷା ରୁମ୍‌ରେ ଫ୍ୟାନ ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଇଛି। ଏହାସହ ଯେଉଁ ଅପରାଧୀମାନେ ଜେଲରୁ ଜାମିନ୍ ପାଇଁ ଫେରୁଛନ୍ତି ସେମାନଙ୍କ ଉପରେ କଡା ନଜର ରଖିବା ସହ ଯେଉଁମାନେ ପୁଣି ଅପରାଧ ଘଟାଉଛନ୍ତି ସେମାନଙ୍କୁ ତୁରନ୍ତ ଗିରଫ କରିବାକୁ କମିଶନର ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଭୁବନେଶ୍ୱର ଡିସିପି ଅନୁପ କୁମାର ସାହୁ,କଟକ ଡିସିପି ଅଖିଳେଶ୍ୱର ସିଂ, ଟ୍ୱିନ୍ ସିଟିର ଜୋନ୍ ଏସିପି ଓ ଥାନା ଅଧିକାରୀ ଯୋଗ ଦେଇଥିଲେ।

### ରାଜନୈତିକ ଦଳର କାର୍ଯ୍ୟାଳୟକୁ ସ୍ୱତନ୍ତ୍ର ସୁରକ୍ଷା

## ପୁରୀରେ ଏଲ୍ ଆଣ୍ଡ୍ ଡି ଗ୍ଲୋବାଲ୍ ପକ୍ଷରୁ ରିଲିଫ୍ ବଣ୍ଟନ



**ଭୁବନେଶ୍ୱର, ୨୦।୫(ବ୍ୟୁରୋ)**

ଲର୍ଣ୍ଣିଂ ଆଣ୍ଡ ଡେଭଲପ୍‌ମେଣ୍ଟ ଭୁବନେଶ୍ୱର ଚାପ୍ଟର ପକ୍ଷରୁ ରବିବାର ପୁରୀର ପେଣ୍ଠକଟାସ୍ଥିତ ୩ ବସ୍ତି ଓ ଅନ୍ୟ କେତେକ ସ୍ଥାନରେ ରିଲିଫ୍ ସାମଗ୍ରୀ ବଣ୍ଟନ କରାଯାଇଥିଲା। ସଂସ୍ଥା ପକ୍ଷରୁ ବାତ୍ୟା ବିପନ୍ନଙ୍କୁ ଦୁଇ କୁଇଣ୍ଟାଲ ଚୁଡ଼ା, ୭୦ କିଗ୍ରା ଗୁଡ଼, ୬୦ ସୌର ଲଣ୍ଠନ, ୨୦୦ ବେଡ଼ସିଟ୍ ଓ ୨୦ ବସ୍ତା ପୋଷାକ ବଣ୍ଟନ କରାଯାଇଥିଲା। ସେହିଭଳି ପୁରୀସ୍ଥିତ ଗୋବର୍ଦ୍ଧନ ମଠକୁ ମଧ୍ୟ ଆଲୋକିତ କରିବା ପାଇଁ ୫ଟି ସୌର ଲଣ୍ଠନ ଓ ମଠ ଅଧ୍ୟକ୍ଷଙ୍କୁ ପୋଷାକ ପ୍ରଦାନ କରାଯାଇଥିଲା। ଆରାଧ୍ୟା ଚାରିଟେବୁଲ ଟ୍ରଷ୍ଟ ଅଧ୍ୟକ୍ଷା ସାଗରିକା ଶତପଥୀ ଓ ଜଗବନ୍ଧୁ ସିଂହ ମେମୋରିଆଲ ଟ୍ରଷ୍ଟର ଅନ୍ୟତମ ଟ୍ରଷ୍ଟି ସୁଚିତ୍ରା ଗୁପ୍ତା ଆର୍ଥିକ ସହାୟତା ପ୍ରଦାନ କରିବା ସହ ରିଲିଫ ବଣ୍ଟନ କରିଥିଲେ। ଏଲ୍ ଆଣ୍ଡ ଡି ସଦସ୍ୟ ଅରୁଣ ପ୍ରସାଦ ସାହୁ, ଯଶବନ୍ତ ସିଂଲାଲ୍, ହରେକୃଷ୍ଣ ପଟ୍ଟନାୟକ, ମଧୁମିତା ସ୍ୱାଇଁ, ସୁଜାତା ସିଂହ, ନିର୍ଦ୍ଦେଶକ ପୂର୍ଣ୍ଣ ରାଓ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।









ସୋମବାର ଜୟଦେବବିହାରସ୍ଥିତ ଉତ୍କଳ ରଙ୍ଗମଞ୍ଚଠାରେ ନାଟ୍ୟାନୁଷ୍ଠାନ ନୃତ୍ୟ ନିପୁଣ ପକ୍ଷରୁ ଆୟୋଜିତ ନୃତ୍ୟୋତ୍ସବରେ କୁନି କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ■ଟ୍ରେନ ଲାଇନ୍ ତାରରେ କେବୁଲ ତାର ଲାଗି ବିସ୍ଫୋରଣ

# ଭୟରେ ଦୌଡ଼ିଲେ ବସ୍ତିବାସିନ୍ଦା

**ଭୁବନେଶ୍ୱର,୨୦।୫(ବ୍ୟୁରୋ)**

■ ଅଟକି ରହିଲା ଯାତ୍ରୀବାହୀ ଟ୍ରେନ୍
■ମରାମତି ପରେ ସ୍ୱାଭାବିକ ହେଲା ଟ୍ରେନ୍ ଚଳାଚଳ

ରସୁଲଗଡ଼ ଜାତୀୟ ରାଜପଥର ଫ୍ଲାଏ ଓଭରବ୍ରିଜ ତଳେ ସୋମବାର ରାତିରେ ଟ୍ରେନ ଲାଇନ ବିଦ୍ୟୁତ ତାର ସଂସ୍ପର୍ଶରେ ବିଭିନ୍ନ କେବୁଲ ତାର ଆସି ନିଆଁ ଜଳିବା ସହ ବିସ୍ଫୋରଣ ହୋଇଥିଲା। ଫଳରେ ନିକଟସ୍ଥ ବସ୍ତିବାସିନ୍ଦା ଭୟଭୀତ ହୋଇ ଦୌଡ଼ି ପଳାଇଥିଲେ। ଖବର ପାଇ ରେଲୱେ ବିଦ୍ୟୁତ କର୍ମଚାରୀ ପହଞ୍ଚି ମରାମତି କାର୍ଯ୍ୟ କରିଥିଲେ। ଏଥିପାଇଁ ପ୍ରାୟ ଦେଢଘଣ୍ଟା ସମୟ ଲାଗିଥିଲା। ଏହାପରେ ଟ୍ରେନ ଚଳାଚଳ ସ୍ୱାଭାବିକ ହୋଇଥିଲା।

ସୂଚନା ଅନୁଯାୟୀ, ବାତ୍ୟା 'ଫନୀ' ପ୍ରଭାବରେ ଅନେକ ଇଣ୍ଟରନେଟ ଓ ବିଭିନ୍ନ କେବୁଲ ତାର ଛିଡ଼ି ରସୁଲଗଡ଼ ଫ୍ଲାଏ ଓଭରବ୍ରିଜ ତଳେ ଝୁଲି ରହିଥିଲା। ରାତି ପ୍ରାୟ ୮ଟା ବେଳେ ଓଭରବ୍ରିଜ କଡ଼ରେ ଯାଇଥିବା ତାର ଛିଡ଼ି ଟ୍ରେନ ଲାଇନର ୨୫ହଜାର କେଭି ତାର ଉପରେ ପଡ଼ିବାରୁ ହୁତୁହୁତୁ ହୋଇ ଜଳିବା ଆରମ୍ଭ କରିଥିଲା। ମଞ୍ଚେଶ୍ୱର ପଟୁ ମାଲଗାଡ଼ି ଅତିକ୍ରମ କରିବାବେଳେ କେବୁଲଗୁଡିକ ଜଳି ପ୍ରଚଣ୍ଡ ଶବ୍ଦ ହୋଇଥିଲା। କିଛି ସମୟ ପରେ ଏକ ଯାତ୍ରୀବାହୀ ଟ୍ରେନ ବାଣୀବିହାର ପଟୁ ବିପଦସଙ୍କୁଳ ଅବସ୍ଥାରେ ପାର ହେବା ବେଳେ ମଧ୍ୟ ପ୍ରଚଣ୍ଡ ମାତ୍ରାରେ ନିଆଁ ଜଳି କେବୁଲ ଫୁଟିଥିଲା। ତେବେ ଟ୍ରେନଟି ସୁରକ୍ଷିତ ଅବସ୍ଥାରେ ୪୩୨/୨୫ ନମ୍ବର ଖୁଣ୍ଟ ନିକଟରେ ଅଟକି ଯାଇଥିଲା। ଓଭରବ୍ରିଜ ଉପରେ ହଠାତ ନିଆଁ ଜଳୁଥିବା ଦେଖି ଏକ ଟ୍ରକ ଛାନିଆରେ ଫୁଟ୍‌ପାଥ୍‌କୁ ଧକ୍କା ଦେଇଥିଲା। ଏଥିଯୋଗୁ କିଛି ସମୟ ପାଇଁ ଓଭରବ୍ରିଜ ଉପରେ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା। ଶହୀଦନଗର ଏବଂ ମଞ୍ଚେଶ୍ୱର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରାଫିକ ବ୍ୟବସ୍ଥା ନିୟନ୍ତ୍ରଣ କରିଥିଲେ। ସେହିପରି ରେଲୱେ ବିଦ୍ୟୁତ କର୍ମଚାରୀ ପହଞ୍ଚି ମରାମତି କାର୍ଯ୍ୟ ଆରମ୍ଭ କରିଥିଲେ। ସେମାନେ ତାରଗୁଡ଼ିକ କାଟି ସଫା କରିବା ପରେ ଟ୍ରେନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଜଣେ ରେଲୱେ କର୍ମଚାରୀ କହିଛନ୍ତି, ୨୫ହଜାର ଭୋଲ୍ଟ ବିଦ୍ୟୁତ ପ୍ରବାହିତ ହେଉଥିବାରୁ ଏହା ସଂସ୍ପର୍ଶରେ ଆସିବା ମାତ୍ରେ ଜଳିଯିବା ସ୍ୱାଭାବିକ। ତେବେ ସୌଭାଗ୍ୟବଶତଃ ଏକ ବଡ଼ ଦୁର୍ଘଟଣାରୁ ସମସ୍ତେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଅନ୍ୟପଟେ ସ୍ଥାନୀୟ ଲୋକେ ଭୟଭୀତ ହେବା ସହ ସୁରକ୍ଷା ଦୃଷ୍ଟିରୁ ତୁରନ୍ତ କେବୁଲ ହଟାଇବାକୁ ଦାବି କରିଛନ୍ତି।

## ପୁରୀ ଜିଲାରେ ବିଦ୍ୟୁତ୍ ବ୍ୟବସ୍ଥା ସ୍ୱାଭାବିକ କରିବାକୁ ଉଦ୍ୟମ

**ଭୁବନେଶ୍ୱର,୨୦।୫(ବ୍ୟୁରୋ)**

ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ପକ୍ଷରୁ ବାତ୍ୟା ପରବର୍ତ୍ତୀ ପୁନର୍ନିର୍ମାଣ କାର୍ଯ୍ୟ ଅବ୍ୟାହତ ରହିଛି। ପୁରୀ ସହରରେ ଉପଭୋକ୍ତାମାନଙ୍କୁ ଶୀଘ୍ର ବିଦ୍ୟୁତ୍ ପୁନଃସଂଯୋଗ ପାଇଁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଚାଲିଥିବା ବେଳେ ଜିଲାର ୧୯ହଜାରରୁ ଊର୍ଦ୍ଧ୍ୱ ଉପଭୋକ୍ତା ବିଦ୍ୟୁତ୍ ସେବା ପାଇପାରିଛନ୍ତି। ପିଇଡି ଡିଭିଜନ ଅନ୍ତର୍ଗତ ୫୬ ଫିଡରରୁ ୧୨ କାର୍ଯ୍ୟକ୍ଷମ ହୋଇଥିବା ବେଳେ ନିମାପଡ଼ା ଅଞ୍ଚଳରେ କାର୍ଯ୍ୟ କରୁଥିବା ଏନ୍‌ଇଡି ଡିଭିଜନ ଅନ୍ତର୍ଗତ ୨୮ ଫିଡରରୁ ୫ କାର୍ଯ୍ୟକ୍ଷମ ହୋଇଛି। ବିଦ୍ୟୁତ୍‌ସଂଯୋଗୀକରଣ କ୍ଷେତ୍ରରେ କଟକ, ଖୋର୍ଦ୍ଧା, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା ଜିଲାରେ ଅଗ୍ରଗତି ଘଟିଛି। କଟକ ଜିଲାରେ ବର୍ତ୍ତମାନ ସୁଦ୍ଧା ୯୨ପ୍ରତିଶତ ଉପଭୋକ୍ତାଙ୍କୁ ବିଦ୍ୟୁତ ପୁନଃସଂଯୋଗ କରାଯାଇଛି। ଖୋର୍ଦ୍ଧା ଜିଲାରେ ଏବେ ସୁଦ୍ଧା ୯୪ପ୍ରତିଶତ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ ହୋଇଛି। ସେହିଭଳି ଜଗତ୍‌ସିଂହପୁର ଜିଲାରେ ୮୯% ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ ହୋଇଛି।

ଅନ୍ୟପକ୍ଷରେ ବାତ୍ୟା ପ୍ରଭାବିତ ଜିଲାରେ ଜନସାଧାରଣଙ୍କୁ ରିଲିଫ ଆକାରରେ ନଗଦ ଅର୍ଥ ଦିଆଯାଇଛି। ପୁରୀ ଜିଲାରେ ୯୪.୪, ଖୋର୍ଦ୍ଧାରେ ୯୮.୭, ଜଗତ୍‌ସିଂହପୁରରେ ୯୫, କେନ୍ଦ୍ରାପଡ଼ାରେ ୯୯.୩୧, କଟକରେ ୯୭.୭ ଏବଂ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଞ୍ଚଳରେ ୮୭.୪ ପ୍ରତିଶତ ପରିବାର ରିଲିଫ ଅର୍ଥ ପାଇଛନ୍ତି। କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ବିନା ଗ୍ୟାରେଣ୍ଟରରେ ୧୦ହଜାର ଟଙ୍କା ଲେଖାଏ ଋଣ ଦେବା ପାଇଁ ପରାମର୍ଶ ଦିଆଯାଇଛି। ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ରାଜ୍ୟର ୧୪ ବାତ୍ୟା ପ୍ରଭାବିତ ଜିଲାର ଜିଲାପାଳଙ୍କ ସହ ଭିଡିଓ କନ୍‌ଫରେନ୍ସ ଜରିଆରେ ଚଳିତ ମାସ ୩୧ତାରିଖ ପୂର୍ବରୁ ଜିଲାସ୍ତରୀୟ ପରାମର୍ଶଦାତା କମିଟି ବୈଠକ ଡକାଇବାକୁ ପରାମର୍ଶ ଦେଇଛନ୍ତି। ବିଭିନ୍ନ ସ୍ଥାନରେ ଉପୁଡ଼ି ପଡ଼ିଥିବା ପ୍ରାୟ ୧ଲକ୍ଷ ୪୫ହଜାର ଗଛକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷରେ ୧କୋଟି ୩୦ଲକ୍ଷ ନୂତନ ବୃକ୍ଷରୋପଣ ପାଇଁ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ଓଡ଼ିଶା ବନ ଉନ୍ନୟନ ନିଗମ ପକ୍ଷରୁ ପୁରୀରେ ଉପୁଡ଼ି ପଡ଼ିଥିବା ୮୯୦୦ ଗଛ ଏବଂ ଭୁବନେଶ୍ୱରରେ ୨୭,୯୦୦ ଗଛ କଟାଯାଇଛି। ଓଡ଼ିଶା ବନ ଉନ୍ନୟନ ନିଗମ ପକ୍ଷରୁ ମୋଟ ୩୬,୮୦୦ ଗଛ କଟାଯାଇଥିବା ସୂଚନା ଦିଆଯାଇଛି।

## ବିଶ୍ୱର ଶ୍ରେଷ୍ଠ ଏନ୍‌ଜିଓ ତାଲିକାରେ କିସ୍

**ଭୁବନେଶ୍ୱର,୨୦।୫(ବ୍ୟୁରୋ)**

ବିଶ୍ୱର ସର୍ବବୃହତ ଆବାସିକ ଜନଜାତି ଅନୁଷ୍ଠାନ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନ୍ସେସ୍(କିସ୍) ଲଗାତାର ଚତୁର୍ଥ ଥର ପାଇଁ ନନ୍-ପ୍ରଫିଟ୍ ଆଇଭି ଲିଗ୍‌ରେ ସ୍ଥାନ ପାଇଛି। ବିଶ୍ୱର ଶ୍ରେଷ୍ଠ ୫ଶହ ଏନ୍‌ଜିଓ ମଧ୍ୟରେ କିସ୍ ୧୮୯ତମ ସ୍ଥାନରେ ରହିଛି। ନିକଟରେ ଏନ୍‌ଜିଓ ଆଡ୍‌ଭାଇଜର ନାମକ ଗଣମାଧ୍ୟମ ସଂସ୍ଥା ଦ୍ୱାରା କରାଯାଇଥିବା ୨୦୧୯ ସର୍ବେକ୍ଷଣରୁ ଏହା ସ୍ପଷ୍ଟ ହୋଇଛି। ଗତବର୍ଷ ମଧ୍ୟ କିସ୍ ଶ୍ରେଷ୍ଠ ୫ଶହ ଏନ୍‌ଜିଓ ମଧ୍ୟରେ ୨୨୩ତମ ସ୍ଥାନରେ ରହିଥିଲା। କିସ୍ ନିଜର ଆଉଟ୍‌ଷ୍ଟାଣ୍ଡିଂ ଇମ୍ପାକ୍ଟ ଇନୋଭେଶନ ଓ ଗଭର୍ନାନ୍ସ ପାଇଁ ପ୍ରଥମେ ବିଶ୍ୱର ହଜାରେ ଏନ୍‌ଜିଓ ମଧ୍ୟରେ ସ୍ଥାନ ପାଇଥିଲା। ଏନ୍‌ଜିଓ ଆଡ୍‌ଭାଇଜର ହେଉଛି ଜେନେଭାସ୍ଥିତ ଏକ ସ୍ୱାଧୀନ ଗଣମାଧ୍ୟମ ସଂସ୍ଥା। ଏହା ବିଶ୍ୱର ବଛାବଛା ଏନ୍‌ଜିଓଗୁଡ଼ିକୁ ନେଇ ବିଭିନ୍ନ ପର୍ଯ୍ୟାୟରେ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିବା ପରେ ଶ୍ରେଷ୍ଠ ୫ଶହ ତାଲିକା ପ୍ରକାଶ କରିଥାଏ। ନିକଟରେ ପ୍ରକାଶ ପାଇଥିବା ସଂସ୍ଥାର ୬ଷ୍ଠ ସଂସ୍କରଣରେ ଅଣଲାଭଦାୟକ ଅନୁଷ୍ଠାନଗୁଡ଼ିକର ଅନୁସୃଜନ, ପ୍ରଭାବ ଓ ପରିଚାଳନାକୁ ଗୁରୁତ୍ୱ ଦେଇ ସେହି ଅନୁସାରେ ସେମାନଙ୍କର ର୍‍ୟାଙ୍କିଙ୍ଗ୍ କରାଯାଇଛି। ଖବରରେ ସନ୍ତୋଷ ପ୍ରକାଶ କରିବା ସହ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି, କିସ୍‌ର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀ, ଜନଜାତି ସମୁଦାୟ, ଛାତ୍ରୀଛାତ୍ରଙ୍କ ନିଷ୍ଠାପର ଉଦ୍ୟମ ଓ ଶୁଭେଚ୍ଛୁଙ୍କ ଶୁଭେଚ୍ଛା ଯୋଗୁ ଏହା ସମ୍ଭବ ହୋଇପାରିଛି। ଦିନକୁ ଦିନ କିସ୍‌ର ପରିଚିତି ବୃଦ୍ଧି ପାଉଥିବା ବେଳେ ଆନ୍ତର୍ଜାତିକ ସ୍ତରରେ ଓଡ଼ିଶାର ସୁନାମ ବଢ଼ିବାରେ ଲାଗିଛି ବୋଲି ସାମନ୍ତ କହିଛନ୍ତି।

## ■ଟ୍ରକ୍‌କୁ ଧକ୍କା ଦେଲା ଟ୍ୟାଙ୍କର

# ପେଟରେ ବାଉଁଶ ପଶି ଡ୍ରାଇଭରଙ୍କ ଜୀବନ ଗଲା

**ଭୁବନେଶ୍ୱର, ୨୦।୫(ବ୍ୟୁରୋ)**

ନୟାପଲ୍ଲୀ ଥାନା ଅଧୀନ ସିଆର୍‌ପି ଓଭରବ୍ରିଜ୍ ଉପରେ ସୋମବାର ଏକ ଦୁର୍ଘଟଣା ଘଟିଛି। ଏକ ବାଉଁଶ ବୋଝେଇ ଟ୍ରକକୁ ପଛରୁ ଏକ ତେଲ ଟ୍ୟାଙ୍କର ଧକ୍କା ଦେଇଛି। ଫଳରେ ଟ୍ୟାଙ୍କର ଡ୍ରାଇଭରଙ୍କ ମୃତ୍ୟୁ ଘଟିଥିବା ବେଳେ ହେଲପର ଗୁରୁତର ଆହତ ହୋଇଛନ୍ତି। ଟ୍ରକ୍ ଡ୍ରାଇଭର ଆହତ ହୋଇଛନ୍ତି। ୨ଜଣଙ୍କୁ ଉଦ୍ଧାର କରାଯାଇ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଟ୍ୟାଙ୍କର ଡ୍ରାଇଭରଙ୍କ ପେଟରେ ବାଉଁଶ ପଶିଥିବାରୁ ପୋଲିସ ବାଉଁଶକୁ ଅଧାରୁ କାଟି ତାଙ୍କୁ ହସ୍ପିଟାଲ ନେଇଥିଲା। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ପରେ ଓଭରବ୍ରିଜ୍ ଉପରେ ଟ୍ରାଫିକ୍ ଜାମ୍ ହୋଇଯାଇଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଭିଡ଼ ଲାଗି ରହିଥିଲା।




ପୋଲିସ କ୍ରେନ୍ ସାହାଯ୍ୟରେ ରାସ୍ତାରୁ ଗାଡ଼ି ଦୁଇଟିକୁ ହଟାଇବା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ସୂଚନା ଅନୁଯାୟୀ, ବାଉଁଶ ବୋଝେଇ ଟ୍ରକ୍ ଖଣ୍ଡଗିରି ଅଭିମୁଖେ ଯାଉଥିଲା। ପଛରୁ ଦ୍ରୁତ ଗତିରେ ଆସୁଥିବା ଟ୍ୟାଙ୍କର ତାକୁ ଓଭରଟେକ୍ କରିବା ସମୟରେ ଭାରସାମ୍ୟ ହରାଇ ଧକ୍କା ଦେଇଥିଲା।

# ମଞ୍ଚେଶ୍ୱର ଥାନାରେ ମଗାଯାଉଛି ଲାଞ୍ଚ

**ଭୁବନେଶ୍ୱର,୨୦।୫(ବ୍ୟୁରୋ)**

■ ଟଙ୍କା ନ ମିଳିଲେ କୋର୍ଟ ଚାଲାଣ ଧମକ
■ପୋଲିସ କମିଶନରଙ୍କୁ ଅଭିଯୋଗ କଲା ଟ୍ରକ ମାଲିକ ସଂଘ

ମଞ୍ଚେଶ୍ୱର ଥାନାରେ ଚାଲିଛି ଲାଞ୍ଚ କାରବାର। କୌଣସି ଅଭିଯୋଗ କରିବାକୁ ଗଲେ ଟଙ୍କା ମଗାଯାଉଛି। ଟଙ୍କା ନ ମିଳିଲେ ମିଛ ମାମଲାରେ ଫସାଇ କୋର୍ଟ ଚାଲାଣ କରି ଦେବାକୁ ଧମକ ଦିଆଯାଉଛି। ଏପରିକି ଟଙ୍କା ନେଇ ଅଭିଯୁକ୍ତଙ୍କୁ ମଧ୍ୟ ସୁରକ୍ଷା ଦିଆଯାଉଥିବା ଭଳି ଗୁରୁତର ଅଭିଯୋଗ ହେଉଛି। ଏନେଇ ପୋଲିସ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ଏବେ ଥାନାର ତଳିଆ କର୍ମଚାରୀଙ୍କଠାରୁ ଆରମ୍ଭ ପରି ଅଧିକାରୀ ପର୍ଯ୍ୟନ୍ତ ସମସ୍ତେ ଲାଞ୍ଚ ନେବାରେ ଏକପ୍ରକାର ଅଭ୍ୟସ୍ତ ହୋଇଯାଇଥିବା ଦେଖିବାକୁ ମିଳୁଛି। ବିଶେଷକରି ଥାନାରେ ଦୀର୍ଘଦିନ ହେବ ରହିଥିବା ଜଣେ ଏସ୍‌ଆଇଙ୍କ ବିରୋଧରେ ବାରମ୍ବାର ଅଭିଯୋଗ ହେଉଛି। ଦୁର୍ଘଟଣାଗ୍ରସ୍ତ ଗାଡ଼ି ଓ ଜମିଜମା ମାମଲା ଆସିଲେ ବାବୁଙ୍କ ପକେଟ ପୂରା ଗରମ ହେଉଛି। ଅଧିକାରୀ ଜଣକ କେତେଜଣ ଦଲାଲଙ୍କୁ ଏଥିପାଇଁ ନିୟୋଜିତ କରିଛନ୍ତି। ସେମାନେ ଦରଦାମ ଛିଣ୍ଡାଇବା ପରେ ଟଙ୍କା କାରବାର ହୋଇଥାଏ। ରବିବାର ଆଉଏକ ଘଟଣା ପଦାକୁ ଆସିଛି। ମଞ୍ଚେଶ୍ୱର ଅଞ୍ଚଳରେ ଦୁର୍ଘଟଣାଗ୍ରସ୍ତ ଏକ ଟ୍ରକ୍ ମାଲିକଙ୍କୁ ୧୦ ହଜାର ଟଙ୍କା ଲାଞ୍ଚ ମଗାଯାଇଥିବା ନେଇ ଅଭିଯୋଗ ହୋଇଛି। ସୋମବାର ଭୁବନେଶ୍ୱର-କଟକ ମିନିଟ୍ରକ ମାଲିକ ସଂଘ ପୋଲିସ କମିଶନର ସତ୍ୟଜିତ୍ ମହାନ୍ତିଙ୍କୁ ଭେଟି ଅଭିଯୋଗ ଜଣାଇଥିଲେ। ପରେ କମିଶନର ମହାନ୍ତି ସମ୍ପୃକ୍ତ ପୋଲିସ ଅଫିସରଙ୍କୁ ତାଗିଦ କରିଥିବା ଜଣାପଡିଛି। ହେଲେ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ସଂଘ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ଅଭିଯୋଗ ଅନୁଯାୟୀ, ଗାଡି ମାଲିକ ସୁବାଶିଷ ସାହୁଙ୍କ ଟାଟା ୯୦୯ ଗାଡି (ଓଆର-୦୨ବିକେ-୧୫୯୧) ରବିବାର ସକାଳ ୭ଟା ୩୦ରେ ରସୁଲଗଡ ଦେଇ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଭିତରକୁ ଯାଉଥିଲା। ଗାଡିଟି ଓଏସ୍‌ଆର୍‌ସି କଣ୍ଟା ସମ୍ମୁଖରେ ଯାଉଥିବାବେଳେ ଏକ କାର୍ ଟ୍ରକ୍‌ଟିର ବାମ ପଟେ ଆସି ଧକ୍କା ହୋଇଥିଲା। ପରେ ଉଭୟ ଗାଡି ମାଲିକ ଥାନାରେ ପହଞ୍ଚିଥିଲେ। ପୋଲିସ କିଛି ନ ବୁଝି ସନ୍ଧ୍ୟାରେ ଥାନାକୁ ଆସିବାକୁ କହିଥିଲେ। ସନ୍ଧ୍ୟାରେ ମିନିଟ୍ରକ ସଂଘର କର୍ମକର୍ତ୍ତାଙ୍କ ସହ ସୁବାଶିଷ ଥାନାକୁ ଯାଇଥିଲେ। କାର ମାଲିକଙ୍କ ସହ ଆପୋଷ ବୁଝାମଣା ହୋଇଯାଇଥିଲା। କିନ୍ତୁ ଥାନା ଅଧିକାରୀ ଜରିମାନା କାଟି ଚାଲିଯିବାକୁ କହିଥିଲେ। ହେଲେ ଏସ୍‌ଆଇ ଜଣକ ୧୦ ହଜାର ଟଙ୍କା ଦେବାକୁ କହିଥିଲେ। ଏତେ ଟଙ୍କା କ'ଣ ପାଇଁ ବୋଲି ଟ୍ରକ୍ ସଂଘ କର୍ମକର୍ତ୍ତା ପଚାରିବାରୁ ଏସ୍‌ଆଇ ଜଣକ ଗାଡି ଜବତ କରି ଡ୍ରାଇଭରକୁ କୋର୍ଟଚାଲାଣ କରିଦେବାକୁ ଧମକ ଦେଇଥିଲେ। କୋର୍ଟରେ ୩୦ ହଜାର ଟଙ୍କା ଖର୍ଚ୍ଚ କଲେ ଭଲ ଲାଗିବ ବୋଲି କହିଥିଲେ। ଶେଷରେ କିଛି ବାଟ ନ ପାଇ ଗାଡି ମାଲିକ ଓ ସଂଘ କର୍ମକର୍ତ୍ତା ପୋଲିସ କମିଶନରଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ଏନେଇ ମିନି ଟ୍ରକ୍ ମାଲିକ ସଂଘ ସଭାପତି ଗଣେଶ ମାହାରୀ କହିଛନ୍ତି, ପୋଲିସ ୫ଶହ ଟଙ୍କା ଫାଇନ କାଟି ଛାଡିଦେବା କଥା। କିନ୍ତୁ ଦଲାଲ ଲଗାଇ ୧୦ ହଜାର ଟଙ୍କା ଲାଞ୍ଚ ମାଗୁଛି। ଏନେଇ ଥାନା ଅଧିକାରୀ ଜିତେନ୍ଦ୍ରନାଥ ସେଠି କହିଛନ୍ତି, ଏଭଳି ଅଭିଯୋଗ ମିଛ। ସେଥିରେ କିଛି ସତ୍ୟତା ନାହିଁ। ସେମାନେ ଗାଡି ନେବାକୁ ପୋଲିସ ନାଁରେ ଦୋଷ ଲଦୁଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ମଙ୍ଗଳବାର, ମେ ୨୧/୨୦୧୯ Bhubaneswar, Tuesday, May 21/2019

## ସଂକ୍ଷେପରେ

### ଫ୍ଲାଟ୍ ଯୋଗାଇବାକୁ କହି ୨ କୋଟିରୁ ଊର୍ଦ୍ଧ୍ୱ ଠକେଇ

## ଜେଲ୍ ଗଲେ ସିମାକ୍ସ ବିଲ୍‌ଡରର ମୁଖ୍ୟ ନିର୍ମଳ

**ଭୁବନେଶ୍ୱର,୨୦।୫(ବ୍ୟୁରୋ):** ରାଜଧାନୀ ଉପକଣ୍ଠରେ ଲୋକଙ୍କୁ ସୁଲଭ ମୂଲ୍ୟରେ ଫ୍ଲାଟ ଯୋଗାଇଦେବା ଆଳରେ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ଅଭିଯୋଗରେ ଶହୀଦନଗର ଥାନା ପୋଲିସ ସମ୍ପୃକ୍ତ ବିଲ୍‌ଡରଙ୍କୁ ଗିରଫ କରିଛି। ସେ ହେଲେ ସିମାକ୍ସ ବିଲଡର ପ୍ରାଇଭେଟ ଲିମିଟେଡର ମୁଖ୍ୟ ବାଲିଅନ୍ତାର ନିର୍ମଳ ବେହେରା। ସୂଚନା ମୁତାବକ, ଏହି ସଂସ୍ଥା ନଖରା ଓ ତ୍ରିନାଥ ବଜାର ବ୍ରାହ୍ମଣ ଝରିଲୋ ଅଞ୍ଚଳରେ ଏକ ଆପାର୍ଟମେଣ୍ଟ ପ୍ରୋଜେକ୍ଟ ଆରମ୍ଭ କରିଥିଲା। ୨୦୧୨ରୁ ୫୦ରୁ ଊର୍ଦ୍ଧ୍ୱ ଲୋକଙ୍କଠାରୁ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଉଠାଇ ନିର୍ଦ୍ଧାରିତ ସମୟ ମଧ୍ୟରେ ଫ୍ଲାଟ୍ ଦେଇପାରି ନ ଥିଲା। ଲୋକେ ଟଙ୍କା ଫେରସ୍ତ ମାଗିବାରୁ ତାଙ୍କୁ ବିଲଡର ବେହେରା ଧମକ ଦେଉଥିଲେ। ଠକେଇର ଶିକାର ଲୋକେ ଏକାଠି ହୋଇ ଏନେଇ ଶହୀଦନଗର ଥାନାରେ ଅଭିଯୋଗ କରିବା ପରେ ପୋଲିସ ୨୧୮/୧୯ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ପଚରାଉଚରା ପରେ ସୋମବାର ଅଭିଯୁକ୍ତ ବେହେରାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ଆବେଦନର ଖାରଜ ହେବାରୁ ତାଙ୍କୁ ବିଚାରବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

## ଖବରଦାତାଙ୍କୁ ମରଣାନ୍ତକ ଆକ୍ରମଣ

### ନିଶା କାରବାର ସଂକ୍ରାନ୍ତ ଖବରକୁ ନେଇ ଟାର୍ଗେଟରେ ଥିଲେ

**ଭୁବନେଶ୍ୱର, ୨୦।୫(ବ୍ୟୁରୋ):** ଖାରବେଳନଗର ଥାନା ଅଞ୍ଚଳରେ ସୋମବାର ଜଣେ ଖବରଦାତାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଚୋରା ନିଶା କାରବାର ସଂକ୍ରାନ୍ତ ଏକ ପ୍ରକାଶିତ ଖବରକୁ ନେଇ ନିଶା ମାଫିଆ ଓ ଅସାମାଜିକ ବ୍ୟକ୍ତି ତାଙ୍କୁ ଆକ୍ରମଣ କରିଥିବା ସୂଚନା ମିଳିଛି। ଏନେଇ ଥାନାରେ ଅଭିଯୋଗ ହୋଇଛି। ସେ ହେଲେ ଏକ ଦୈନିକ ଓଡିଆ ଖବରକାଗଜର ଭୁବନେଶ୍ୱର ପ୍ରତିନିଧି ଅଭୟ କୁମାର ଦାସ(୨୮)। ସୂଚନା ମୁତାବକ, ଅଭୟ କିଛିଦିନ ତଳେ ନିଶା କାରବାର ନେଇ ଏକ ଖବର ତାଙ୍କ ଖବରକାଗଜରେ ପ୍ରକାଶ କରିଥିଲେ। ଏଥିଯୋଗୁ ସେ କ୍ଷତିଗ୍ରସ୍ତ ହୋଇଥିବା ନିଶା ମାଫିଆ ଓ ଅସାମଜିକ ବ୍ୟକ୍ତିଙ୍କ ଟାର୍ଗେଟରେ ରହି ଆସିଥିଲେ। ଏପରିକି ଧମକଚମକ ମଧ ଦେଇଥିଲେ। ସୋମବାର ପୂର୍ବାହ୍ନ ସାଢେ ୧୦ଟା ସମୟରେ ଅଭୟ ୟୁନିଟ-୪ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ନିକଟରେ ଯାଉଥିବାବେଳେ ୫ରୁ ୬ଜଣ ନିଶାଗ୍ରସ୍ତ ଯୁବକ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ତାଙ୍କୁ ନିସ୍ତୁକ ମାଡ଼ମାରି ଲହୁଲୁହାଣ କରିବା ପରେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ପୋଲିସ ତୁରନ୍ତ ଆକ୍ରମଣକାରୀଙ୍କୁ ଗିରଫ କରିବା ସହ ସହରରେ ନିଶା ଚୋରା କାରବାର ବନ୍ଦ କରିବାକୁ ଦାବି ହେଉଛି।

# ୪ ନକଲି ପରୀକ୍ଷାର୍ଥୀ ଗିରଫ

**ଭୁବନେଶ୍ୱର,୨୦।୫(ବ୍ୟୁରୋ)**

### ଓୟୁଏଟି ପ୍ରବେଶିକା ପରୀକ୍ଷା ଦେଇଥିଲେ

ଓୟୁଏଟି ପ୍ରବେଶିକା ପରୀକ୍ଷା ଦେଇ ଧରାପଡ଼ିଛନ୍ତି ୪ଜଣ ନକଲି ପରୀକ୍ଷାର୍ଥୀ। ସେମାନଙ୍କୁ କମିଶନରେଟ ପୋଲିସ ସୋମବାର ଗିରଫ କରିଛି। ସେମାନେ ହେଲେ ରାଜସ୍ଥାନର ଆଦର୍ଶ ଚୌଧୁରୀ(୨୨), ଝାଡଖଣ୍ଡ ଧାନବାଦ ଜିଲାର ଅମିତ କୁମାର ସିଂ, ବିହାର ମୁଫାସିଲ ଥାନା ଅଞ୍ଚଳର ଅମୀୟ ଭୂଷଣ ଏବଂ ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ଅଞ୍ଚଳର ରଞ୍ଜିତ କୁମାର ବେଉରା। ରଞ୍ଜିତ ନୟାପଲ୍ଲୀ ଆଇଆର୍‌ସି ଭିଲେଜରେ ଏବଂ ଅମିତ ପାତ୍ରପଡ଼ା ଅଞ୍ଚଳରେ ଘରଭଡା ନେଇ ରହୁଥିବାବେଳେ ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ କାମ କରୁଥିଲେ।

ସୂଚନା ଅନୁଯାୟୀ, ରବିବାର ଖଣ୍ଡଗିରିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଓୟୁଏଟି ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଗିରଫ ଅଭିଯୁକ୍ତ ଆଦର୍ଶ ପୁରୀ ଗୋପ ଅଞ୍ଚଳର ଯୁଧିଷ୍ଠିର ମଲ୍ଲିକଙ୍କ ନାମରେ ପରୀକ୍ଷା ଦେଉଥିଲେ। ପରୀକ୍ଷା ପରିଚାଳନା କରୁଥିବା ଅଧିକାରୀ ଆଡ୍‌ମିଟ୍ କାର୍ଡର ଫଟୋ ଏବଂ ପରୀକ୍ଷାର୍ଥୀଙ୍କୁ ଦେଖିବା ପରେ ତାଙ୍କ ମନରେ ସନ୍ଦେହ ଜାତ ହୋଇଥିଲା। ଏ ନେଇ ସେ ଇନ୍‌ଭିଜିଲେଟର ଏବଂ ଖଣ୍ଡଗିରି ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ଖୋଳତାଡ଼ କରିବାରୁ ସବୁକଥା ଜଣାପଡ଼ିଥିଲା। ଫଳରେ ଆଦର୍ଶଙ୍କୁ ପୋଲିସ ଗିରଫ କରିଥିଲା। ଏହାପରେ ତନାଘନା କରି ବିଭିନ୍ନ ସେଣ୍ଟରରେ ପରୀକ୍ଷା ଦେଉଥିବା ଆଉ ୩ଜଣଙ୍କୁ ଧରିଥିଲା ପୋଲିସ। ଏ ନେଇ ଘାଟିକିଆ ଅଞ୍ଚଳରେ ଥିବା ଏକ ଗେଷ୍ଟ ହାଉସରେ ପୋଲିସ ଚଢାଉ କରି ସବିଶେଷ ତଥ୍ୟ ହାସଲ କରିବା ସହ ଏହି ଗ୍ୟାଙ୍ଗରେ ସମ୍ପୃକ୍ତ ଅନ୍ୟ ସଦସ୍ୟମାନଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରଖିଛି।



ଗିରଫ ୪ ଅଭିଯୁକ୍ତ।




ଜଗତ୍‌ପୁରରେ ପାଣି ଓ ବିଦ୍ୟୁତ୍ ସମସ୍ୟାକୁ ନେଇ ଏମ୍‌ଏସ୍‌ଏମ୍‌ଇ ବିଭାଗ ସଚିବଙ୍କ ସହ ଆଲୋଚନା ବେଳେ ଶିଳ୍ପୋଦ୍ୟୋଗୀଙ୍କୁ ପୋଲିସର ମାଡ଼ ପ୍ରତିବାଦରେ ସୋମବାର ଭୁବନେଶ୍ୱର ରସୁଲଗଡ଼ସ୍ଥିତ ଡିଆଇସି ଅଫିସ ସମ୍ମୁଖରେ ଶିଳ୍ପୋଦ୍ୟୋଗୀଙ୍କ ବିକ୍ଷୋଭ।

### ପୋଲିସ ମାଡ଼ ମାରିବା ଘଟଣା

## ଦୈନିକ ୧ ଘଣ୍ଟା ଧାରଣା ଦେବେ ଶିଳ୍ପୋଦ୍ୟୋଗୀ

**କଟକ ଅଫିସ, ୨୦।୫**

ଶିଳ୍ପୋଦ୍ୟୋଗୀଙ୍କୁ ପୋଲିସ ମାଡ଼ ମାରିବା ଘଟଣା ତେଜିବାରେ ଲାଗିଛି। ଶିଳ୍ପୋଦ୍ୟୋଗୀମାନେ ପୂର୍ବାହ୍ନ ସାଢେ ୧୧ଟାରୁ ଅପରାହ୍ନ ସାଢେ ୧୨ଟା ପର୍ଯ୍ୟନ୍ତ ଜିଲା ଶିଳ୍ପ କେନ୍ଦ୍ର ଆଗରେ ଦୈନିକ ୧ ଘଣ୍ଟା ମୁହଁରେ କଳାପଟି ବାନ୍ଧି ଧାରଣାରେ ବସିବେ। ସୋମବାରଠାରୁ ଏହି ଧାରଣା ଆରମ୍ଭ ହୋଇଛି। ସେମାନଙ୍କ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଧାରଣା ଜାରି ରହିବ ବୋଲି ଓଡ଼ିଶା କ୍ଷୁଦ୍ରଶିଳ୍ପ ସଂଘର ପୂର୍ବତନ ସଭାପତି ଦୀପକ କାଜାରିଆ କହିଛନ୍ତି। ଅନ୍ୟପକ୍ଷରେ ଶିଳ୍ପୋଦ୍ୟୋଗୀଙ୍କ ଏହି ନିଷ୍ପତ୍ତିକୁ କଂଗ୍ରେସ ସମର୍ଥନ ଜଣାଇଛି। ଯଦି ସରକାର ଏମାନଙ୍କ ଦାବିକୁ ମାନି ନ ନିଅନ୍ତି ତେବେ କଂଗ୍ରେସ ମଧ୍ୟ ଏମାନଙ୍କ ସମର୍ଥନରେ ରାଜରାସ୍ତାକୁ ଓହ୍ଲାଇବ ବୋଲି ନଗର କଂଗ୍ରେସ ସଭାପତି ମହମ୍ମଦ ମୋକିମ କହିଛନ୍ତି। ସୂଚନାଥାଉ କି, ଫନୀ ପରେ ଗତ ୧୪ ତାରିଖରେ ଶିଳ୍ପ ସଚିବ ଜଗତ୍‌ପୁରର କ୍ଷତିଗ୍ରସ୍ତ ଶିଳ୍ପାଞ୍ଚଳ ପରିଦର୍ଶନ କରିବାକୁ ଯାଇଥିଲେ। ପରିଦର୍ଶନ ସମୟରେ ସେଠାରେ ସଚିବଙ୍କ ସହିତ ଶିଳ୍ପୋଦ୍ୟୋଗୀଙ୍କ ଉଚ୍ଚବାଚ ହୋଇଥିଲା। ଏହାପରେ ସେଠାରେ ପୋଲିସ ପହଞ୍ଚି ଶିଳ୍ପୋଦ୍ୟୋଗୀମାନଙ୍କୁ ମାଡ଼ ମାରିବା ସହିତ ୨ ଜଣଙ୍କୁ ଗିରଫ କରିଥିଲା। ଉକ୍ତ ଘଟଣାରେ ୪ରୁ ଊର୍ଦ୍ଧ୍ୱ ଶିଳ୍ପୋଦ୍ୟୋଗୀଙ୍କ ବିରୋଧରେ ପୋଲିସ ମାମଲା ରୁଜୁ କରିଥିବା କାଜାରିଆ କହିଛନ୍ତି। ତେଣୁ ସଚିବଙ୍କ ସମେତ ମାଡ ମାରିଥିବା ପୋଲିସ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଶିଳ୍ପୋଦ୍ୟୋଗୀମାନେ ଏଭଳି ନିଷ୍ପତ୍ତି ନେଇଛନ୍ତି। ଏ ସମ୍ପର୍କରେ ଡିସିପି ଅଖିଳେଶ୍ୱର ସିଂଙ୍କ ସହିତ ଯୋଗାଯୋଗ କରାଯାଇଥିଲେ ମଧ ଯୋଗାଯୋଗ ସମ୍ଭବ ହୋଇପାରି ନ ଥିଲା।

### ଆନ୍ଦୋଳନକୁ କଂଗ୍ରେସର ସମର୍ଥନ

### ବାଇପାସ୍ ରୋଡ୍‌ରୁ ଲୁଟ୍ କାର ସହ ପିସ୍ତଲ ଜବତ

## ଜେଲ ଗଲେ ଦୁଇ ଅଭିଯୁକ୍ତ

**ଭୁବନେଶ୍ୱର,୨୦।୫(ବ୍ୟୁରୋ)**

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ କଟକ-ପୁରୀ ବାଇପାସ୍‌ରୋଡ୍‌ରୁ ପିସ୍ତଲ ଦେଖାଇ କାର, ଟଙ୍କା ଓ ମୋବାଇଲ୍ ଫୋନ୍ ଲୁଟିନେବା ଘଟଣାରେ ପୋଲିସ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ପୁରୀ ଜିଲା ନିମାପଡା ମାଧିବ୍ରହ୍ମପୁର ଗ୍ରାମର ତେସିନ ଖାନ୍ ଓରଫ ରାଜା ଓ ସେକ୍ ସାହିଦ ଓରଫ କାଲା। ପୋଲିସ ସେମାନଙ୍କୁ ପଚରାଉଚରା ପରେ କୋର୍ଟ ଚାଲାଣ କରିଥିଲା। ଜାମିନ ଆବେଦନ ଖାରଜ ହେବାରୁ ଦୁଇ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ମୁତାବକ, ପଟିଆରେ ରହୁଥିବା ନୟାଗଡ଼ ଅଞ୍ଚଳର ପ୍ରତାପ ଚନ୍ଦ୍ର ନାୟକଙ୍କର ପୁରୀ ଜିଲା ବ୍ରହ୍ମଗିରିରେ ଏକ ଘର ରହିଛି। ବାତ୍ୟା ପରେ ଘର ସ୍ଥିତି ଦେଖିବାକୁ ପ୍ରତାପ ଗତ ୧୧ ତାରିଖରେ ପଳାଶୁଣୀ ଅଞ୍ଚଳର ଏକ ଟ୍ରାଭେଲ୍ସରୁ କାର୍ ଭଡ଼ା ନେଇ ବ୍ରହ୍ମଗିରି ଯାଇଥିଲେ। ସେଠାରୁ ଫେରୁଥିବାବେଳେ ବାଇପାସ ରୋଡ୍‌ରେ ୪ ଜଣ ଦୁର୍ବୃତ୍ତ ଏକ କାରରେ ଆସି ତାଙ୍କ କାର୍ ଆଗରେ ଆଡ଼ ପକାଇ ରହିଥିଲେ। ପ୍ରତାପଙ୍କ ଗାଡି ଅଟକିବାମାତ୍ରେ ସେମାନେ ଡ୍ରାଇଭରଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ସମସ୍ତଙ୍କଠାରୁ ଟଙ୍କା ଓ ମୋବାଇଲ୍ ଫୋନ୍ ନେଇଥିଲେ। ପରେ ଉକ୍ତ ଭଡ଼ା କାର୍‌କୁ ମଧ୍ୟ ଲୁଟି ନେଇଥିଲେ। ଏ ନେଇ ପ୍ରତାପ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ କେସ୍ (ନଂ. ୧୭୨/୧୯) ରୁଜୁ କରି ତଦନ୍ତ ଚଳାଇଥିଲା। ଧଉଳି ଥାନା ଅନ୍ତର୍ଗତ ନୂଆଗାଁ ଅଞ୍ଚଳରେ ଗୋଟିଏ ଚୋରା କାର ବିକ୍ରି ନେଇ ମୂଲଚାଲ ଚାଲିଥିବାନେଇ ଖବର ପାଇ ପୋଲିସ ଶନିବାର ଚଢାଉ କରିଥିଲା। ସେଠାରେ ଥିବା ଦୁଇ ଅଭିଯୁକ୍ତ ଉକ୍ତ କାର୍‌ର କାଗଜପତ୍ର ଦେଖାଇପାରି ନ ଥିଲେ। ଯାଞ୍ଚ ବେଳେ ପୋଲିସ ସେମାନଙ୍କ ନିକଟରୁ ଗୋଟିଏ ଦେଶୀ ପିସ୍ତଲ ସହ ସିମ କାର୍ଡ ନ ଥିବା ଦୁଇଟି ମୋବଇଲ ଫୋନ୍ ପାଇଥିଲା। ପଚରାଉଚରା ପରେ ସେମାନେ କାର୍ ଲୁଟ୍ ସମ୍ପର୍କରେ ସବୁକଥା କହିଥିଲେ। ଶେଷରେ ଲୁଟ୍ କାର୍ ସହ ଏଥିରେ ବ୍ୟବହୃତ ଏକ ଟୋୟଟା କରୋଲା କାର, ୪ଟି ମୋବାଇଲ୍ ଫୋନ୍ ଓ ୨ହଜାର ଟଙ୍କା ଜବତ କରିଥିଲା।

## କରଜ ଚିନ୍ତାରେ କୀଟନାଶକ ପିଇଲେ ମହିଳା

**କଟକ ଅଫିସ,୨୦।୫**

- ଏସ୍‌ସିବିରେ ମୃତ୍ୟୁ
- ପଡ଼ିରହିଲା ମୃତଦେହ
- ଦାହ କଲେ ସାମାଜିକ କର୍ମୀ

ଚାଷ ପାଇଁ କରଜ ଆଣିଥିଲେ। ହେଲେ ଟଙ୍କା ଦେଇଥିବା ବ୍ୟକ୍ତି ପ୍ରତିଦିନ ଘର ସମ୍ମୁଖରେ ଆସି ଝଗଡା କଲେ। ଏହା ଅସହ୍ୟ ହେବାରୁ ମହିଳା ଜଣଙ୍କ କୀଟନାଶକ ପିଇଦେଲେ। ଗୁରୁତର ଅବସ୍ଥାରେ ଏସ୍‌ସିବିରେ ଭର୍ତ୍ତି ହୋଇଥିବା ମହିଳାଙ୍କ ମୃତ୍ୟୁ ଘଟିଥିଲା। ଟଙ୍କା ଅଭାବରୁ ସ୍ତ୍ରୀଙ୍କ ମୃତଦେହ ସତ୍କାର କରି ପାରିଲେ ନାହିଁ ବାଲେଶ୍ୱର ବାଲିଆ ଥାନା ଅନ୍ତର୍ଗତ ବୁଲକୁପି ଗ୍ରାମର ଦିବ୍ୟାଙ୍ଗ ଯୁବକ ସୁକୁଲ ସୋରେନ(୩୫)। ରବିବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ଏସ୍‌ସିବି ମେଡ଼ିକାଲର ନୂଆ ମେଡିସିନ ବିଭାଗ ବାରଣ୍ଡାରେ ସ୍ତ୍ରୀ ପାର୍ବତୀ(୩୨)ଙ୍କ ମୃତ୍ୟୁ ଘଟିଥିଲା। ଭାବିଥିଲେ ମେଡ଼ିକାଲ କର୍ତ୍ତୃପକ୍ଷ ବୋଧେ କିଛି ସହଯୋଗ କରିବେ। ଦିନ ଯାଇ ରାତି ହେଲା ପଛେ ମେଡ଼ିକାଲରେ କେହି ଜଣେ ସାହାଯ୍ୟ କରିବାକୁ ଆଗେଇ ଆସିଲେନି। ଜନ୍ମରୁ ସୁକୁଲଙ୍କ ଦୁଇଟି ଯାକ ଗୋଡ଼ ଅଚଳ ଥିବା ହେତୁ ସ୍ତ୍ରୀଙ୍କ ମୃତଦେହକୁ ମେଡ଼ିକାଲ ବାରଣ୍ଡାରୁ ନିଜେ ଉଠାଇ ନେବା ମଧ ତାଙ୍କ ପକ୍ଷେ ସମ୍ଭବ ନ ଥିଲା। ବିକଳରେ ସ୍ତ୍ରୀଙ୍କ ମୃତଦେହ ପାଖରେ ବସି ସେ କାନ୍ଦୁଥିଲେ। ଏଭଳି ଖବର ପାଇଥିଲେ ସାମାଜିକ କର୍ମୀ ଅଭିମନ୍ୟୁ ଦାସ। ରବିବାର ଅପରାହ୍ନରେ ଅଭିମନ୍ୟୁ କେତେଜଣ ସହୃଦୟ ବ୍ୟକ୍ତିଙ୍କ ସହଯୋଗରେ ଖପୁରିଆସ୍ଥିତ ସ୍ୱର୍ଗଧାମରେ ପାର୍ବତୀଙ୍କ ଶେଷ କୃତ୍ୟ ସମ୍ପନ୍ନ କରିଥିଲେ।

ସୁକୁଲଙ୍କ କହିବା ଅନୁଯାୟୀ, ସେ ପିଲାଦିନରୁ ଦିବ୍ୟାଙ୍ଗ ହୋଇଥିବାରୁ ପାର୍ବତୀଙ୍କ ମୁଣ୍ଡରେ ପରିବାରର ବୋଝ ଥିଲା। ପାର୍ବତୀ ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ତାଙ୍କର ୪ବର୍ଷର ପୁଅ ଓ ୬ବର୍ଷର ଝିଅ ଅଛନ୍ତି। ୩ଜଣ ଲୋକଙ୍କ ଠାରୁ ସେ କିଛି ମାସ ତଳେ ଟଙ୍କା ଧାର ଆଣି ଚାଷ କାର୍ଯ୍ୟରେ ବିନିଯୋଗ କରିଥିଲେ। ହେଲେ ଟଙ୍କା ଶୁଝିବାକୁ ନେଇ ସବୁଦିନ ପାର୍ବତୀଙ୍କ ଘର ସମ୍ମୁଖରେ ଋଣ ଦେଇଥିବା ଲୋକମାନେ ଆସି ଝଗଡ଼ା କରନ୍ତି। ଏପରି କି ଖରାପ ଭାଷାରେ ଗାଳି ଗୁଲଜ କରୁଥିଲେ ବୋଲି ସୁକୁଲ କହିଛନ୍ତି। ଏହା ସହି ନ ପାରି ପାର୍ବତୀ ଶୁକ୍ରବାର ଚାଷରେ ବ୍ୟବହୃତ କୀଟନାଶକ ପିଇଥିଲେ। ଚିକିତ୍ସା ଲାଗି ତାଙ୍କୁ ପ୍ରଥମେ ବାଲେଶ୍ୱର ଜିଲା ବସ୍ତାସ୍ଥିତ ସରକାରୀ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ବାଲେଶ୍ୱର ଜିଲା ମେଡ଼ିକାଲ ଓ ପରେ ଏସ୍‌ସିବି ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଏସ୍‌ସିବିରେ ରବିବାର ପାର୍ବତୀଙ୍କର ମୃତ୍ୟୁ ଘଟିଥିଲା।

୨୦୦୮ରୁ ଅଦ୍ୟାବଧି ଅଭିମନ୍ୟୁ ଏସ୍‌ସିବିରେ ଏହିଭଳି ଭାବେ ମୃତ୍ୟୁବରଣ କରୁଥିବା ବ୍ୟକ୍ତିଙ୍କ ମୃତଦେହ ଦାହ କରିଆସୁଛନ୍ତି। ଇତିମଧ୍ୟରେ ସେ ପାଖାପାଖି ୧୨୦୦ ମୃତଦେହ ଦାହ କରିସାରିଲେଣି। ତେବେ ମୃତଦେହଗୁଡ଼ିକ ଦୀର୍ଘ ସମୟ ପଡ଼ିରହିବା ଦ୍ୱାରା ଏକ ଅପ୍ରୀତିକର ପରିସ୍ଥିତି ଉପୁଜୁଛି। ଏଥିପାଇଁ ଏକ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଅଭିମନ୍ୟୁ କହିଛନ୍ତି। ତେବେ ହରିଶ୍ଚନ୍ଦ୍ର ଯୋଜନା ବାବଦ ଅର୍ଥ ତତ୍କାଳ ମିଳୁ ନ ଥିବାରୁ ଲୋକେ ମୋବାଇଲ ଓ ସୁନାମୁଦି ଆଦି ବନ୍ଧା ପକାଇ ଏସ୍‌ସିବିରୁ ନିଜ ଗାଁକୁ ମୃତଦେହ ନେଉଥିବା ଅଭିମନ୍ୟୁ କହିଛନ୍ତି। ତେଣୁ ଏସ୍‌ସିବିରେ ତତ୍କାଳ ହରିଶ୍ଚନ୍ଦ୍ର ସହାୟତା ଯୋଗାଇ ଦେବା ପାଇଁ ଏକ କାଉଣ୍ଟର ଖୋଲିବାକୁ ଅଭିମନ୍ୟୁ ଦାବି କରିଛନ୍ତି।

## ପୁରୀରେ ସିପିସିବି ଅଧ୍ୟକ୍ଷ: ବାତ୍ୟା ପରବର୍ତ୍ତୀ ପ୍ରଦୂଷଣ ସ୍ଥିତି ପରଖିଲେ

**ପୁରୀ ଅଫିସ,୨୦।୫**

ପୁରୀରେ ବାତ୍ୟା ପରବର୍ତ୍ତୀ ପ୍ରଦୂଷଣର ସ୍ଥିତି ପରଖିଛନ୍ତି କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ଅଧ୍ୟକ୍ଷ ଏସ୍‌ପିଏସ୍ ପରିହାର। ସୋମବାର ପୂର୍ବାହ୍ନରେ ପରିହାର ପୁରୀରେ ପହଞ୍ଚି ପ୍ରଥମେ ଶ୍ରୀମନ୍ଦିରକୁ ଯାଇଥିଲେ। ମହାପ୍ରଭୁଙ୍କୁ ଦର୍ଶନ କରିବା ପରେ ବାଙ୍କୀ ମୁହାଣ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ଏବଂ ମଙ୍ଗଳା ମୁହାଣସ୍ଥିତ ସ୍ୱରେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ବୁଲି ଦେଖିଥିଲେ। ସେଠାରେ କିପରି ସହରର ବର୍ଜ୍ୟଜଳ ସମୁଦ୍ରରେ ମିଶୁଛି ତାହା ଅନୁଧ୍ୟାନ କରିଥିଲେ। ସେହିପରି ପୁରୀ ସମୁଦ୍ର ବେଳାଭୂମିର ସ୍ଥିତି ଅନୁଧ୍ୟାନ କରି ଫେରିଯାଇଥିଲେ। ବାତ୍ୟା ପରେ ପୁରୀ ଜିଲାରେ ପ୍ରଦୂଷଣର ମାତ୍ରା ବଢିଯାଇଛି। ଭାଙ୍ଗିଯାଇଥିବା ଘର, ଗଛ, ତାଳପତ୍ର ପଚି ଶଢିଯାଇଛି। ବିଭିନ୍ନ ଡ୍ରେନ୍‌ରେ ଅଳିଆ ଆବର୍ଜନା ପଡ଼ିରହି ଅଧିକ ପ୍ରଦୂଷଣ ସୃଷ୍ଟି କରିଛି। ଏହି ଦୃଷ୍ଟିରୁ ସିପିସିବି ଅଧ୍ୟକ୍ଷଙ୍କ ଗସ୍ତ ବେଶ୍ ଗୁରୁତ୍ୱ ବହନ କରୁଥିବା କୁହାଯାଉଛି।




### ଭୁବନେଶ୍ୱରର ୬ ଅଞ୍ଚଳର ଭୂତଳ ଜଳ ବିଷାକ୍ତ

# ଠିକ୍ ସମୟରେ ହେଲାନି ନମୁନା ପରୀକ୍ଷଣ

**ଭୁବନେଶ୍ୱର, ୨୦।୫(ବ୍ୟୁରୋ)**

- ବାତ୍ୟାକୁ ବାହାନା କରି ବିଳମ୍ବ ହେଉଥିବା ସଫେଇ ଦିଆଯାଉଛି
- ସହରବାସୀଙ୍କ ଜୀବନ ସହ ଖେଳ ଖେଳୁଛି ଜନସ୍ୱାସ୍ଥ୍ୟ ବିଭାଗ



ଭୂତଳ ଜଳ ଧୀରେ ଧୀରେ ବିଷାକ୍ତ ହେବାରେ ଲାଗିଛି। ଭୁବନେଶ୍ୱରର ୬ଟି ଅଞ୍ଚଳର ଭୂତଳ ଜଳରେ ପରିବର୍ତ୍ତନଶୀଳ ପରିମାପ ପିଏଚ୍, ଟୋଟାଲ ଡିଜଲ୍‌ଭଡ୍ ସଲିଡ୍ (ଟିଡିଏସ୍), ନାଇଟ୍ରେଟ୍, ଫ୍ଲୋରାଇଡ୍, ଆଇରନ୍, ଟୋଟାଲ କୋଲିଫର୍ମ ଓ ଫେକାଲ କୋଲିଫର୍ମର ମାତ୍ରା ଆବଶ୍ୟକଠାରୁ ବହୁ ଅଧିକ ରହିଥିବା ଜଣାପଡ଼ିଛି। ଏହା ପାନୀୟ ଯୋଗ୍ୟ ନୁହେଁ, ସ୍ୱାସ୍ଥ୍ୟ ପାଇଁ ହାନିକାରକ ବୋଲି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି) ପକ୍ଷରୁ କୁହାଯାଇଛି। ୨୦୧୮ ଏପ୍ରିଲ ଓ ଅକ୍ଟୋବର ମାସରେ ଏସ୍‌ପିସିବି ପକ୍ଷରୁ କରାଯାଇଥିବା ଭୂତଳ ଜଳ ପରୀକ୍ଷଣ ରିପୋର୍ଟରୁ ଏହା ଜଣାପଡ଼ିଛି। ଏହି ପରିପ୍ରେକ୍ଷୀରେ ଏସ୍‌ପିସିବି ରାଜ୍ୟ ଜନସ୍ୱାସ୍ଥ୍ୟ ବିଭାଗର ଇଞ୍ଜିନିୟର-ଇନ୍-ଚିଫ୍‌ଙ୍କୁ ଚିଠି କରିବା ପରେ ସେ ଗତ ଏପ୍ରିଲ ୯ରେ ବିଭାଗୀୟ ଯନ୍ତ୍ରୀମାନଙ୍କୁ ଏନେଇ ଅବଗତ କରାଇଛନ୍ତି। ଏସ୍‌ପିସିବି ରିପୋର୍ଟ ଅନୁସାରେ, ଭୁବନେଶ୍ୱରର ୬ଟି ଅଞ୍ଚଳ ଯଥା ଖଣ୍ଡଗିରି, ପୁରୁଣା ଭୁବନେଶ୍ୱର-ସାମନ୍ତରାପୁର, କଳ୍ପନା-ଲକ୍ଷ୍ମୀସାଗର, ଚନ୍ଦ୍ରଶେଖରପୁର, କ୍ୟାପିଟାଲ ହସ୍ପିଟାଲ ଓ ସଚିବାଳୟ-ଗଭର୍ନର ହାଉସ ଅଞ୍ଚଳରେ ଭୂତଳ ଜଳ ପ୍ରଦୂଷିତ ହେବାରେ ଲାଗିଛି। ତେଣୁ ଏହି ଜଳର ନମୁନା ସଂଗ୍ରହ କରି ପରୀକ୍ଷା କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ଏଯାବତ୍ ତାହା ହୋଇପାରିନି। ଜନସ୍ୱାସ୍ଥ୍ୟ ବିଭାଗର ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର ଚିତ୍ତରଞ୍ଜନ ଜେନା କହିଛନ୍ତି, ପ୍ରତ୍ୟେକ ବର୍ଷ ଭୂତଳ ଜଳର ପରୀକ୍ଷଣ କରାଯାଏ। ଚଳିତବର୍ଷ ମଧ ନିର୍ଦ୍ଧାରିତ ସମୟ ମଧ୍ୟରେ ନମୁନା ସଂଗ୍ରହ କରାଯାଇ ପରୀକ୍ଷଣ ହୋଇଥାନ୍ତା। ବିଷାକ୍ତ ବା ଦୂଷିତ ଭୂତଳ ଜଳ ସଂଯୋଗ ହୋଇଥିବା ନଳକୂପ ଓ ବୋରିଂଗୁଡ଼ିକୁ ବନ୍ଦ କରି ଦିଆଯାଇଥାନ୍ତା। ହେଲେ ବାତ୍ୟା ଫନୀ ଲାଗି ସବୁ ଅଟକି ରହିଛି। ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଅନ୍ୟ କାର୍ଯ୍ୟରେ ନିୟୋଜିତ ଥିବାରୁ ନମୁନା ସଂଗ୍ରହ କରିବାରେ ବିଳମ୍ବ ହେଉଛି। ଅଳ୍ପ କିଛିଦିନ ମଧ୍ୟରେ ସେସବୁ କାର୍ଯ୍ୟ କରାଯିବା ସହ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

ସୂଚନା ଯୋଗ୍ୟ ଯେ, ସହରବାସୀ ପିଉଥିବା ଭୂତଳ ଜଳର ସ୍ଥିତି ଜାଣିବାକୁ ସୁଯୋଗ ନାହିଁ କି ସେମାନେ ମଧ ଏଥିପାଇଁ ଚେଷ୍ଟା କରନ୍ତି ନାହିଁ। ଫଳରେ ଅଜାଣତରେ ଏହି ବିଷାକ୍ତ ଜଳ ପିଇ ବିଭିନ୍ନ ରୋଗର ଶିକାର ହେଉଛନ୍ତି। ଭୂତଳ ଜଳରେ ଆଇରନ ସହ ଅନ୍ୟାନ୍ୟ ବିଷାକ୍ତ ପଦାର୍ଥ ରହିଥିବାବେଳେ ପ୍ରଶାସନିକ ସ୍ତରରେ ଏ ନେଇ ଲୋକଙ୍କୁ ସଚେତନ କରାଯାଉନି। ସେହିଭଳି ଏହାର ପ୍ରତିକାର ଲାଗି କୌଣସି ପଦକ୍ଷେପ ନିଆ ନ ଯିବା ଉଦ୍‌ବେଗର ବିଷୟ ହୋଇଛି।

ଅନ୍ୟପକ୍ଷରେ ଭୁବନେଶ୍ୱର ସମେତ ରାଜ୍ୟର ଅନୁଗୋଳ, ବାଲେଶ୍ୱର, ବ୍ରହ୍ମପୁର, ଯାଜପୁର, କଟକ, ଝାରସୁଗୁଡ଼ା, ପୁରୀ, ସମ୍ବଲପୁର ଓ ତାଳଚେରର ବିଭିନ୍ନ ଅଞ୍ଚଳରେ ମଧ୍ୟ ଭୂତଳ ଜଳ ବିଷାକ୍ତ ତଥା ଗୁରୁତର ଭାବେ ପ୍ରଦୂଷତ ହୋଇଇଛି। ଏସ୍‌ପିସିବି ପକ୍ଷରୁ ଏପ୍ରିଲ ୯ ଚିଠି ସଂଖ୍ୟା ୪୭୧୫ରେ ଜନସ୍ୱାସ୍ଥ୍ୟ ବିଭାଗର ଇଞ୍ଜିନିୟରଙ୍କୁ ଅବଗତ କରାଯାଇଛି। ହେଲେ ଏଥିପାଇଁ ବିଭାଗ ପକ୍ଷରୁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ମେ ୩ରେ ବାତ୍ୟା ଫନୀ ପ୍ରଳୟ ରଚିଛି। ବାତ୍ୟାକୁ ବାହାନା କରି ଅଧିକାରୀମାନେ ଦୋଷ ଖସାଉଥିବାରୁ ଲୋକଙ୍କ ସ୍ୱାସ୍ଥ୍ୟ ପ୍ରତି ସେମାନଙ୍କର ଚିନ୍ତା ନ ଥିବା ପ୍ରମାଣିତ ହୋଇଛି।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ପୋଖରୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ଆଠଗଡ଼,୨୦।୫(ସ୍ୱ.ପ୍ର.):** ପୋଖରୀରୁ ଜଣେ ଯୁବକଙ୍କ ମୃତଦେହ ସୋମବାର ଉଦ୍ଧାର କରାଯାଇଛି। ମୃତ ଯୁବକ ହେଲେ ଆଠଗଡ଼ ଥାନା ଅର୍ନ୍ତଗତ ରାଜନଗର ଗ୍ରାମର ମହେଶ୍ୱର ଦାସଙ୍କ ପୁଅ ପବିତ୍ର ଦାସ(୪୫)। ରବିବାର ଗ୍ରାମରେ ଭୋଟ୍ ଚାଲିଥିଲା ସମୟରେ ସେ ନିଖୋଜ ହୋଇ ଯାଇଥିଲେ। ସକାଳେ ଗ୍ରାମର ଡୁବିରୀ ପୋଖରୀରେ ତାଙ୍କ ମୃତଦେହ ଭାସୁଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ପରେ ସେମାନେ ମୃତଦେହକୁ ଉଦ୍ଧାର କରି ତାଙ୍କ ପରିବାର ସଦସ୍ୟ ଓ ପୋଲିସକୁ ଜଣାଇଥିଲେ। ଖବର ପାଇ ଆଠଗଡ ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଆଠଗଡ଼ ଡାକ୍ତରଖାନାକୁ ପଠାଇଥିଲା ଏ ନେଇ ଏକ ଅପମୃତ୍ୟୁ ମାମଲା ନଂ-୧୮/୧୯ରୁଜୁ ହୋଇଛି।

### ବାଙ୍କୀ ଖବରଦାତାଙ୍କୁ ସ୍ୱାସ୍ଥ୍ୟବୀମା କାର୍ଡ ପ୍ରଦାନ

**ବାଙ୍କୀ,୨୦।୫(ସ୍ୱ.ପ୍ର.):** ବାଙ୍କୀ ଉପଖଣ୍ଡର ୯ଜଣ ଖବରଦାତାଙ୍କୁ ସୋମବାର ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱାସ୍ଥ୍ୟବୀମା କାର୍ଡ ପ୍ରଦାନ କରାଯାଇଛି। ବାଙ୍କୀ ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଆୟୋଜିତ ଉତ୍ସବରେ ଉପଜିଲାପଳ ଅରୁଣ କୁମାର ବିଶ୍ୱାଳ ମୁଖ୍ୟଅତିଥିଭାବେ ଯୋଗଦେଇ ଖବରଦାତା ବଳଭଦ୍ର ପଣ୍ଡା, ଜ୍ଞାନେନ୍ଦ୍ର ମୋହନ ମିଶ୍ର, ସୁବାସ ଚନ୍ଦ୍ର ପାଢ଼ୀ, ଯୁଧିଷ୍ଠିର କୁଣ୍ଡୁ, ପୂର୍ଣ୍ଣଚନ୍ଦ୍ର ସାହୁ, ମାନସ ରଞ୍ଜନ ସାହୁ, ପ୍ରଦୀପ ଜେନା, ଅନନ୍ତ ପଟ୍ଟନାୟକ ଓ ଗୋବିଚନ୍ଦ୍ର ପରିଡାଙ୍କୁ କାର୍ଡ ପ୍ରଦାନ କରି କରିଥିଲେ। ଏଥିସହିତ ଖବରଦାତାମାନେ ସତ୍ୟସମ୍ବାଦ ପିରବେଷଣ କରି ବାଙ୍କୀର ଉନ୍ନତିରେ ସହାୟକ ହେବା ଉଚିତ୍ ବୋଲି କହିଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶାରଦା ପ୍ରସାଦ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରି ଖବରଦାତାଙ୍କୁ ସ୍ୱାଗତ କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର କର୍ମଚାରୀ କାଳୀଚରଣ ତ୍ରିପାଠୀ ସହଯୋଗ କରିଥିଲେ।

### ରାମଚରିତ ମାନସ ପାରାୟଣ

**ବାଙ୍କୀ,୨୦।୫(ବି.ପ୍ର.):** ଡମପଡ଼ାଗଡ଼ରେ ୧୦ ତାରିଖଠାରୁ ଚାଲିଥିବା ଶ୍ରୀଶ୍ରୀରାମଚରିତ ମାନସ ନବାହ୍ନ ପରାୟଣ ଜ୍ଞାନଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଏହାକୁ ଶୁଣିବା ପାଇଁ ପ୍ରତ୍ୟେକ ସନ୍ଧ୍ୟାରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହେଉଥିଲା। ପ୍ରତ୍ୟେହ ସକାଳେ ସୂର୍ଯ୍ୟପୂଜା, ଧେନୁପୂଜା, ଧ୍ୱଜ ପୂଜା, ମଙ୍ଗଳା ଆଳତି ଓ ଯଜ୍ଞ କରାଯାଇ ପରାୟଣ ପାଠ କରାଯାଉଥିଲା। ବିଭିନ୍ନ ଦିନରେ ଅନ୍ତର୍ଯ୍ୟାମୀ ମହାରାଜ, ସୂର୍ଯ୍ୟକାନ୍ତ ରଥ ପ୍ରମୁଖ ଯୋଗଦେଇ ପ୍ରବଚନ ପ୍ରଦାନ କରି ଶ୍ରୋତାଙ୍କ ମନରେ ଆଧାତ୍ମିକ ଚେତନା ସୃଷ୍ଟି କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ବ୍ୟାସ ପୂଜନ କରାଯାଇ ଛାତ୍ରୀଛାତ୍ର ଓ ଭକ୍ତଙ୍କ ଉପସ୍ଥିତିରେ ରାମଚରିତ ମାନସ ସମ୍ପର୍କିତ କୁଇଜ୍ ପ୍ରତିଯୋଗିତା କରାଯାଇଥିଲା। ପରେ ଏଥିରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# ମୋ ପୋଖରୀରେ ପାଣି ନାହିଁ

**ସାଲେପୁର,୨୦।୫(ଡି.ଏନ.ଏ.)**

- ■ମାଛ ଚାଷ ଯୋଜନା ଫେଲ
- ■ଜୀବଜନ୍ତୁ ପାଉନାହାନ୍ତି ପାଣି
- ■ପ୍ରଶାସନ ଦୃଷ୍ଟି ଦେବାକୁ ଦାବି

ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଜାରି ରହିଥିବାରୁ ସାଲେପୁର ବ୍ଲକ ଅଞ୍ଚଳରେ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଛି। ଦିନ ୧୧ଟା ପରେ ଅଞ୍ଚଳରେ ଥିବା ଦୋକାନ ବଜାର ବନ୍ଦ ହୋଇଯାଉଛି। ରାସ୍ତାରେ ଯାତାୟାତ ଏକ ପ୍ରକାର ଠପ୍ ହୋଇଯାଉଛି।ଜଳଅଭାବରୁ ଗ୍ରୀଷ୍ମପ୍ରବାହ ଅଧିକ ଅନୁଭୂତ ହେଉଛି। କେନାଲରେ ପାଣି ନାହିଁ। ଅଧିକାଂଶ ପୋଖରୀ, କୂଅ ଓ ଜଳାଶୟ ଶୁଖିଯାଉଥିବାରୁ ଲୋକେ ନାନା ଅସୁବିଧାର ସମ୍ମୁଖନୀ ହେଉଛନ୍ତି। ଗୃହପାଳିତ ପଶୁ ଓ ପକ୍ଷୀ ମଧ୍ୟ ପାଣି ଟୋପେ ନ ପାଇ ଛଟପଟ ହେଉଛନ୍ତି। ଅନ୍ୟପକ୍ଷରେ ପ୍ରାୟ ୨ବର୍ଷ ତଳେ ସାଲେପୁର ବ୍ଲକ ଅଞ୍ଚଳରେ ମୋ ପୋଖରୀ ଯୋଜନାରେ ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ପୋଖରୀ ବିଭିନ୍ନ ପଞ୍ଚାୟତରେ ଖୋଳାଯାଇଥିଲା। ଏଥିସହିତ କେତେକ ପୋଖରୀରର ପୁନରୁଦ୍ଧାର ମଧ୍ୟ କରାଯାଇଥିଲା। ହେଲେ ଏବେ ସେ ସବୁ ପୋଖରୀ ଶୁଖିଲା ପଡ଼ିଥିବା ଦେଖିବାକୁ ମିଳିଛି। ଅଳ୍ପ କେତେକ ପୋଖରୀରେ ବହୁ କମ୍ ପାଣି ରହିଥିବାରୁ ତାହା ବ୍ୟବହାର ଯୋଗ୍ୟ ହୋଇ ପାରୁନାହିଁ। ଫଳରେ ଏହି ପୋଖରୀରେ ମାଛଚାଷ କରିଥିବା ଚାଷୀ କ୍ଷତିର ସମ୍ମୁଖୀନ ହୋଇଛନ୍ତି। ପୋଖରୀ ଖୋଳାରେ ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇଥିଲେ ମଧ୍ୟ ପାଣି ଭର୍ତ୍ତି ପାଇଁ ବୋରିଂ ବ୍ୟବସ୍ଥା କରାଯାଇ ନ ଥିବାରୁ ପୋଖରୀ ଶୁଖିଲା ପଡିଛି। ଯେଉଁମାନେ ନିଜସ୍ୱ ଉଦ୍ୟମରେ ପୋଖରୀ ଖୋଳି ମାଛ ଚାଷ କରିଛନ୍ତି, ସେମାନେ ବୋରିଂ ବସାଇ ପାଣି ଭରୁଛନ୍ତି। ପାଣି ଭର୍ତ୍ତି ପାଇଁ ବ୍ୟବସ୍ଥା କରା ନ ଯାଇ ପୋଖରୀ ଖୋଳାଯାଉଥିବାରୁ ଯୋଜନା ଫେଲ୍ ମାରିଥିବା ଅଭିଯୋଗ ହୋଇଛି। ତେଣୁ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ତୁରନ୍ତ ସମସ୍ୟା ସମାଧାନ କରିବାକୁ ବ୍ଲକ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ବିଡିଓ କିଶୋର କୁମାର ପଣ୍ଡା କହିଛନ୍ତି, ମୋ ପୋଖରୀ ଶୁଖିଲା ପଡ଼ିଥିବା ନେଇ କୌଣସି ଅଭିଯୋଗ ଆସିନାହିଁ। ଯଦି ଅଭିଯୋଗ ଆସେ ତାହାର ତୁରନ୍ତ ସମାଧାନ କରାଯିବ।



ରଥଯାତ୍ରା ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

## ଡମପଡ଼ାଗଡ଼ ରଥଯାତ୍ରା ପ୍ରସ୍ତୁତି ବୈଠକ

**ବାଙ୍କୀ,୨୦।୫(ବି.ପ୍ର.)**

ଡମପଡ଼ାଗଡ଼ର ରାଜ ପ୍ରତିଷ୍ଠିତ ଦିଅଁ ଶ୍ରୀଶ୍ରୀଜଗନ୍ନାଥ ଦେବଙ୍କ ରଥଯାତ୍ରା ପାଇଁ ଏକ ପ୍ରଶାସନିକ ପ୍ରସ୍ତୁତି ବୈଠକେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଡମପଡ଼ା ତହସିଲ କାର୍ଯ୍ୟାଳୟଠାରେ ତହସିଲଦାର ଇନ୍ଦିରା ସାହୁଙ୍କ ଆହ୍ୱାନ କ୍ରମେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବାଙ୍କୀ ଉପଜିଲାପାଳ ଅରୁଣ କୁମାର ବିଶ୍ୱାଳ ଅଧ୍ୟକ୍ଷତା କରି ରଥଯାତ୍ରାଠାରୁ ବାହୁଡା ପର୍ଯ୍ୟନ୍ତ ସମସ୍ତ ଶୃଙ୍ଖଳିତ ବିଧିବିଧାନ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରତିଦିନର ନୀତି ସମ୍ପନ୍ନ, ପହଣ୍ଡି ବିଜେ, ବାଦ୍ୟ ଓ ସଂକୀର୍ତ୍ତନ ବ୍ୟବସ୍ଥା ପରିଚାଳନା, ଗୁଣ୍ଡିଚାରୁ ବାହୁଡା ପର୍ଯ୍ୟନ୍ତ ଉପାଧି ସେବା, ପାନୀୟଜଳ, ବିଦ୍ୟୁତ୍ ସେବା, ଶାନ୍ତି ଶୃଙ୍ଖଳା, ଜଗନ୍ନାଥ ମନ୍ଦିରଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ରାସ୍ତାର ପରିଷ୍କାର ପରିଚ୍ଛନ୍ନତା, ମନ୍ଦିର ବେଢା ସଫେଇ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଶ୍ରୀଜଗନ୍ନାଥଙ୍କ ନୀତି ଓ ଘୋଷଯାତ୍ରା ପରିଚାଳନା ନିମନ୍ତେ ପଦକ୍ଷେପ ନିଆଯାଇଥିବା ପାଣ୍ଠିକୁ ବଢାଇବା ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା। ବୈଠକରେ ଡମପଡା ଅତିରିକ୍ତ ତହସିଲଦାର ଚିନ୍ତାମଣି ସିଂହ, ଡମପଡା ରେଞ୍ଜ ଅଫିସର ସଂଗ୍ରାମ କେଶରୀ ମହାନ୍ତି, ଆଇନଜୀବୀ ଗୌରୀଶଙ୍କର ନନ୍ଦ, କାଶୀନାଥ ରାଉତ, ଦେବନ୍ଦ୍ର ପ୍ରସାଦ ଧଳସାମନ୍ତ, ଖବରଦାତା ଗୌରାଙ୍ଗ ବେହେରା, ସ୍ଥାନୀୟ ସରପଞ୍ଚ ଦେବେନ୍ଦ୍ର ଧଳସାମନ୍ତ, ଅସିତ ଜେନା, ଦୁଲଣାପୁର ସରପଞ୍ଚ ସୁନୀଲ ସାହୁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ତହସିଲ ମୁଖ୍ୟ କିରାଣି ଦେବୀପ୍ରସାଦ ମହାପାତ୍ର ବିବରଣୀ ପାଠ କରିଥିଲେ। ତହସିଲର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଚଳିତ ବର୍ଷ ଶ୍ରୀଜଗନ୍ନାଥ ଦେବଙ୍କ ଘୋଷ ଯାତ୍ରା ଓ ସ୍ନାନ ପୂର୍ଣ୍ଣିମା ସୁଚାର ରୂପେ ପରିଚାଳନା ପାଇଁ ତହସିଲଦାର ସମସ୍ତଙ୍କ ସହଯୋଗ ଲୋଡିଥିଲେ। ବିଦ୍ୟୁତ୍, ଅଗ୍ନିଶମ, ଗ୍ରାମ୍ୟ ପାନୀୟଜଳ ଓ ଜଙ୍ଗଲ ବିଭାଗ ପଦାଧିକାରୀ ଉପସ୍ଥିତ ରହି ପୂର୍ଣ୍ଣ ସହଯୋଗ କରିବେ ବୋଲି କହିଥିଲେ।

■ ୯ମ ବୁଦ୍ଧ ମହୋତ୍ସବର ଚତୁର୍ଥ ସନ୍ଧ୍ୟା

## ମାଣିଆବନ୍ଧର ଐତିହ୍ୟ ଦେଶରେ ସୁନାମ ଅର୍ଜନ କରିଛି




ବୁଦ୍ଧ ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି।

**ବଡ଼ମ୍ବା,୨୦।୫(ଡି.ଏନ.ଏ.)**

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ମାଣିଆବନ୍ଧସ୍ଥିତ ବୌଦ୍ଧ ପର୍ଯ୍ୟଟନ ଓ ବ୍ୟାଖ୍ୟାନ କେନ୍ଦ୍ର ପରିସରରେ ଅନୁଷ୍ଠିତ ହେଉଥିବା ମାଣିଆବନ୍ଧ ୯ମ ବୁଦ୍ଧ ମହୋତ୍ସବର ସୋମବାର ୪ର୍ଥ ସନ୍ଧ୍ୟା ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥିଭାବେ ମାଣିଆବନ୍ଧ ଫାଣ୍ଡି ଅଧିକାରୀ ବସନ୍ତ କୁମାର ଶତପଥୀ, ସମ୍ମାନିତ ବକ୍ତା ଆଠଗଡ଼ ଥାନା ଏସ୍‌ଆଇ ସନ୍ତୋଷ କୁମାର ପ୍ରଧାନ, ସମ୍ମାନିତ ଅତିଥି ମାଣିଆବନ୍ଧ କଲେଜ ଇଂଲିଶ ଅଧ୍ୟାପକ ଖଗେଶ୍ୱର ମହାପାତ୍ର ଓ ବଡ଼ମ୍ବା ସାଂସ୍କୃତିକ ଅନୁଷ୍ଠାନ କଳାତୀର୍ଥର ସମ୍ପାଦକ ମନୋରଞ୍ଜନ ମହାନ୍ତି ଯୋଗଦେଇ ମାଣିଆବନ୍ଧର ଐତିହ୍ୟ କେବଳ ଓଡ଼ିଶାରେ ନୁହେଁ ସାରା ଦେଶରେ ସୁନାମ ଅର୍ଜନ କରିଛି ବୋଲି କହିଥିଲେ। ଏଥିରେ ମହୋତ୍ସବ କମିଟି ସଭାପତି ଚକ୍ରଧର ଦଳେଇ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ଅଜିତ୍ ପ୍ରସାଦ ଚୌଧୁରୀ ସ୍ୱାଗତ ଭାଷଣ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅରକ୍ଷିତ ପାତ୍ର, ଦେବରାଜ ପାତ୍ର, ଅରକ୍ଷିତ ଦେବତା, ରାଜକିଶୋର ଦାସ, ନିରଞ୍ଜନ ପାତ୍ର, ଲକ୍ଷ୍ମୀଧର ପାତ୍ର, ଦେବରାଜ ପାତ୍ର, ଲଚ୍ଛମନ ଦେବତା ଓ ବିକାଶ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମହୋତ୍ସବରେ ଆଞ୍ଚଳିକ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ମୟୂରଭଞ୍ଜ କଳାକାରଙ୍କ ଦ୍ୱାରା ଛଉନୃତ୍ୟ ପରିବେଷଣ କରାଯାଇଥିଲା। ଏହା ଦର୍ଶକଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇଥିଲା।

## କେନ୍ଦୁପାଟଣାରେ ରକ୍ତଦାନ ଶିବିର

**ନିଶ୍ଚିନ୍ତକୋଇଲି,୨୦।୫(ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ କେନ୍ଦୁପାଟଣା ପଞ୍ଚାୟତ ଘେୱାରଚାନ୍ଦ ମଇ ବିଦ୍ୟାଳୟରେ ମହିଳା ରଜ ମହୋତ୍ସବ କମିଟି ଅନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୧୯ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଅନୁଷ୍ଠାନ ସଭାପତି ମୋନିକା ଚାନ୍ଦ ଓ ସମ୍ପାଦିକା ନଳିନୀ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲର ରକ୍ତ ଭଣ୍ଡାର ଡା. ପ୍ରଶାନ୍ତ ଦାସ, ରାମଚନ୍ଦ୍ର ଖୁଣ୍ଟିଆ, ବିଷ୍ଣୁପ୍ରସାଦ ଘୋଷ, ସଦାନନ୍ଦ ଜେନା, ନିରଞ୍ଜନ ପଟ୍ଟନାୟକ ଓ ବିଶ୍ୱଜିତ ଦିକ୍ଷୀତ ଉପସ୍ଥିତ ରହି ରକ୍ତଦାତାଙ୍କଠାରୁ ରକ୍ତ ସଂଗ୍ରହ କରିଥିଲେ। କାର୍ଯ୍ୟକ୍ରମକୁ ଭାରତୀ ବେହେରା, ମିନତୀ ନାୟକ, ମଞ୍ଜୁଲତା ବିଶୋଇ, କଳ୍ପନା ବିଶୋଇ, ସସ୍ମିତା ଖଟେଇ ଓ ଅଳକା ବେହେରା ପ୍ରମୁଖ ପରିଚାଳନା କରିଥିଲେ। ଅନୁଷ୍ଠାନ ଉପଦେଷ୍ଟା ମଦନମୋହନ ପରିଡା ଶିବିରକୁ ଉଦ୍‌ଘାଟନ କରିଥିଲେ।

## ୬ଦଫା ଦାବିରେ ଛାତ୍ରୀଛାତ୍ରଙ୍କ ବିକ୍ଷୋଭ

**କଟକ ଅଫିସ,୨୦।୫**

୬ ଦଫା ଦାବି ନେଇ ଦେଉଳସାହି ସ୍ଥିତ ରଘୁନାଥଜୀଉ ମହାବିଦ୍ୟାଳୟ ମୁଖ୍ୟ ଫାଟକ ନିକଟରେ ସୋମବାର ଛାତ୍ରୀଛାତ୍ରମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆଡମିଶନ ଓ ରିଆଡମିଶନ ଫି' ମନଇଚ୍ଛା ବୃଦ୍ଧି କରାଯାଉଛି ବୋଲି ଛାତ୍ର ପରମିତ ଦାସ କହିଛନ୍ତି। ଏହାଛଡ଼ା ମହାବିଦ୍ୟାଳୟର ଅନ୍ୟ କେତେକ ସମସ୍ୟା ନେଇ ଏହି ବିକ୍ଷୋଭ ହୋଇଥିଲା। ଏପରି କି ଦାବି ପୂରଣ ନ ହେଲେ ଆଗାମୀ ଦିନରେ ବଡ଼ଧରଣର ଆନ୍ଦୋଳନ ହେବ ବୋଲି ପରମିତ କହିଛନ୍ତି। ଛାତ୍ର ସସ୍ମିତ ପ୍ରତିହାରୀ, ଯଶୋବନ୍ତ ବେହେରା, ସିଦ୍ଧାର୍ଥ ସ୍ୱାଇଁ, ଦୀପ୍ତିମୟୀ ଓଝା, ରୋଜାଲିନ ମହାପାତ୍ର ପ୍ରମୁଖ ବିକ୍ଷୋଭର ନେତୃତ୍ୱ ନେଇଥିଲେ।

## ଫନୀ ବିପନ୍ନଙ୍କୁ ମିଳୁନି ପଲିଥିନ

**ବାଙ୍କୀ,୨୦।୫(ବି.ପ୍ର.)**

ଡମପଡ଼ା ତହସିଲ ଅଞ୍ଚଳର ବିଭିନ୍ନ ଗ୍ରାମ ଫନୀ ଦ୍ୱାରା ପ୍ରଭାବିତ ହୋଇଛି। ଅନେକ ଲୋକଙ୍କ ଘର ଭାଙ୍ଗିଛି। ସେମାନେ ଏବେ ଖୋଲା ଆକାଶ ତଳେ ରହିଛନ୍ତି। ହେଲେ ପ୍ରଶାସନ ପକ୍ଷରୁ ସେମାନଙ୍କୁ ପଲିଥିନ ମିଳି ନ ଥିବା ଅଭିଯୋଗ ହୋଇଛି। ବାତ୍ୟା ଯିବାର ୨ ସପ୍ତାହରୁ ଉର୍ଦ୍ଧ୍ୱ ବିତି ଯାଇଥିଲେ ମଧ୍ୟ ଅନେକ ବିପନ୍ନଙ୍କ ପାଖରେ ରାଜସ୍ୱ ନିରୀକ୍ଷକ ପହଞ୍ଚି ନାହାନ୍ତି। କେତେଜଣ ବିପନ୍ନଙ୍କ ଘର ସର୍ଭେ କରାଯାଇଥିଲେ ମଧ୍ୟ ପଲିଥିନ ଯୋଗାଇ ଦିଆଯାଇନାହିଁ। ଅନ୍ୟପକ୍ଷରେ ଘର ଭାଙ୍ଗି ନ ଥିବା ଲୋକେ ପଲିଥିନ ପାଇଥିବା ଅଭିଯୋଗ ହୋଇଛି। ଘର ଭାଙ୍ଗିଥିବା ଲୋକଙ୍କ ନିକଟରେ ପଲିଥିନ ପହଞ୍ଚି ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ବିପନ୍ନ ତହସିଲ କାର୍ଯ୍ୟାଳୟକୁ ଯାଇ ଘରଭଙ୍ଗା ସର୍ଭେ ପାଇଁ ଦରଖାସ୍ତ ଦେଇ ଚାଲିଛନ୍ତି। ହେଲେ ସେମାନଙ୍କ ଘର ଭଙ୍ଗାର ତଦନ୍ତ କରାଯାଉ ନ ଥିବା କେତେଜଣ ବିପନ୍ନ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ଗଡ଼ଜିତ ପଞ୍ଚାୟତ ଅଧୀନ ଢୋଲକାଠ, ଡାହାଣି ଗାଡିଆ, ପିଠାଖିଆ, ନୂଆକୂଅ, ବେହେଷ୍ଟା ସାହୁ ଆଦି ପଞ୍ଚପଡା କୁହାଯାଉଥିବା ଗ୍ରାମରେ ବହୁ ଲୋକଙ୍କ ଘର ଭାଙ୍ଗିଛି। ସେହିପରି ବ୍ରାହ୍ମଣିଆ, କରବର, କୁସୁନ୍ଦା, କଲରାଅଣ୍ଟା, ତାଳବସ୍ତ ଆଦି ଗ୍ରାମରେ ବହୁ ଚାଳଘର ଭାଙ୍ଗିଯାଇଥିଲେ ମଧ୍ୟ ସର୍ଭେ ହୋଇ ନ ଥିବା ଅଭିଯୋଗ ହୋଇଛି। ତହସିଲ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ, ପଞ୍ଚପଡ଼ାର ୧୮୪ଜଣଙ୍କୁ ପଲିଥିନ୍ ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ତହସିଲ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ମୋଟ ୧୦୦୮ଜଣଙ୍କୁ ପଲିଥିନ୍ ଯୋଗାଇ ଦିଆଯାଇଛି। ସର୍ଭେ ଜାରି ରହିଛି। ଖୁବ୍‌ଶୀଘ୍ର ସମସ୍ତ ବିପନ୍ନଙ୍କୁ ପଲିଥିନ ଯୋଗାଇ ଦିଆଯିବ।



ବଡ଼ମ୍ବା ବ୍ଲକ ଶଙ୍ଖାମେରୀ ଗ୍ରାମର କପାପଦା ସାହିରେ ମଙ୍ଗଳବାରଠାରୁ ହେବାକୁ ଥିବା ରାମଚରିତ ମାନସ ପାଇଁ ଅନୁଷ୍ଠିତ କଳସ ଯାତ୍ରା।

## ବାତ୍ୟାରେ ଡାଲୁଅ ଧାନ ନଷ୍ଟ

**ନେମାଳ,୨୦।୫(ଡି.ଏନ୍.ଏ.)**

ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ମହାନଦୀର ଚିତ୍ରୋତ୍ପଳା ଓ ଲୁଣା ଚିତ୍ରୋତ୍ପଳା ଦ୍ୱୀପାଞ୍ଚଳରେ ଫନୀ ବାତ୍ୟା ପ୍ରଭାବରେ ବ୍ୟାପକ ଡାଲୁଅଧାନ ଫସଲ ନଷ୍ଟ ହୋଇଛି। ବହୁ ଜମିକୁ ବାଲିମାଡି ଯାଇଛି। ବାତ୍ୟା ପବନ ଯୋଗୁ ଧାନଗୁଡିକ ସମ୍ପୂର୍ଣ୍ଣ କେଣ୍ଡାରୁ ଝଡିପଡ଼ିଛି। ଫଳରେ ଚାଷୀମାନେ ଏବେ ହତାଶ ହୋଇପଡିଛନ୍ତି। ସେମାନେ ନିଜର ବର୍ଷକର ଆହାର ହରାଇଛନ୍ତି। ଏଥିସହିତ ବ୍ୟାଙ୍କ, ସମବାୟ ସମିତିରୁ ଆଣିଥିବା ଟଙ୍କା କିଭଳି ସୁଝିବେ ତାହାକୁ ନେଇ ଚିନ୍ତାରେ ପଡିଛନ୍ତି। ତେଣୁ ସରକାର ଡାଲୁଅ ଧାନ ଚାଷୀଙ୍କୁ ଉପଯୁକ୍ତ ସହାୟତା ପ୍ରଦାନ କରିବାକୁ ଉଭୟ ଦ୍ୱୀପାଞ୍ଚଳର ଚାଷୀ ଦାବି କରିଛନ୍ତି।

## ପୀଠ ସଫେଇ କରୁଛି ନିର୍ବାଣ ଅନୁଷ୍ଠାନ

**ନିଶ୍ଚିନ୍ତକୋଇଲି,୨୦।୫(ସ୍ୱ.ପ୍ର.)**



ନିର୍ବାଣ ଅନୁଷ୍ଠାନର କର୍ମକର୍ତ୍ତା ଶ୍ୱେତବଟ ଶନିଶ୍ଚରଙ୍କ ମନ୍ଦିର ପରିସର ସଫେଇ କରୁଛନ୍ତି।

ବାତ୍ୟା ଫନୀ ପ୍ରଭାବରେ ରାଜ୍ୟର ଅନେକ ଜିଲା କ୍ଷତିଗ୍ରସ୍ତ ହୋଇଛି। ଫନୀ ଯିବା ପରେ ଏବେ ଜନସାଧାରଣ ନିଜ ନିଜର ଉଜୁଡା ଘରକୁ ସଜାଡିବାରେ ଲାଗି ପଡ଼ିଛନ୍ତି। ସରକାରୀ ଅନୁଷ୍ଠାନ ଗୁଡ଼ିକର ପୁନରୁଦ୍ଧାର ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ଅଣ୍ଟା ଭିଡ଼ିଛନ୍ତି। ହେଲେ ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ଦେବପୀଠଗୁଡ଼ିକର ପୁନରୁସଦ୍ଧାର କରାଯାଉନାହିଁ। ଯାହାକି ନିଶ୍ଚିନ୍ତିକୋଇଲି ବ୍ଲକ ଅଞ୍ଚଳରେ ଦେଖିବାକୁ ମିଳିଛି। ବ୍ଲକ ଅଞ୍ଚଳର ମହାପୁରୁଷ ଅଚ୍ୟୁତାନନ୍ଦ ପୀଠ, ମା' ସିଦ୍ଧଦେବୀ, ମା'ହରଚଣ୍ଡି ଓ କେନ୍ଦୁପାଟଣାର ବ୍ରହ୍ମାବଣ ସମେତ ଅନନ୍ତେଶ୍ୱର ମହାଦେବ ପୀଠ କ୍ଷତିଗ୍ରସ୍ତ ହୋଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ପୁନରୁଦ୍ଧାର ହୋଇନାହିଁ। ଏଭଳି ସ୍ଥିତିରେ ବୁଦ୍ଧ ଜୟନ୍ତୀଠାରୁ ସାମାଜିକ ଅନୁଷ୍ଠାନ 'ନିର୍ବାଣ' ପକ୍ଷରୁ ସମସ୍ତ ପୀଠର ସଫେଇ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି। ଅନୁଷ୍ଠାନ ପକ୍ଷରୁ ସ୍ଥାନୀୟ ଲୋକ ଓ ଯୁବକ ସଂଘଗୁଡ଼ିକୁ ଗାଁ ପରିବେଶ କିପରି ସୁସ୍ଥ ରଖିପାରିବେ ସେନେଇ ସଚେତନ କରାଯାଇଛି। ଏଥିସହିତ ସୋମବାର ଶ୍ୱେତବଟ ଗ୍ରହରାଜ ଶନିଶ୍ଚରଙ୍କ ଜଳାଭିଷେକପରେ ସମଗ୍ର ଅଞ୍ଚଳରେ ଗଦା ହୋଇଥିବା ଅଳିଆ ଆବର୍ଜନାକୁ ନିର୍ବାଣ ଅନୁଷ୍ଠାନ ଓ ସାହା ଅନୁଷ୍ଠାନ ମିଳିତ ଆନୁକୂଲ୍ୟରେ ସଫେଇ କରିଥିଲେ। ନିର୍ବାଣର ସମ୍ପାଦକ ପ୍ରକାଶ ଚନ୍ଦ୍ର ରାଉଳ, କୋଷାଧକ୍ଷ ସୁକାନ୍ତ ମାଡେଇ, ନିରଞ୍ଜନ ବଡ଼ିଆ, ସାମାଜିକ କର୍ମୀ ରାଜେଶ ସାହୁ, ଉମେଶ ରାଉତ, ବଲ୍ଲଭ ଦାସ ପ୍ରମୁଖଙ୍କ ଉଦ୍ୟମରେ ସଫେଇ କାର୍ଯ୍ୟ କରାଯାଇଥିଲା। ସାହା ଅନୁଷ୍ଠାନର ଦୀପକ ସାହୁ ସହଯୋଗ କରିଥିଲେ। ଆଗାମୀ ଦିନରେ ସମଗ୍ର ବ୍ଲକ ଅଞ୍ଚଳରେ ପରିବେଶ ସଚେତନତା କରାଯିବା ସହିତ ସବୁଜ ବଳୟ ସୃଷ୍ଟି କରିବା ପାଇଁ ବ୍ୟାପକ ଚାରାରୋପଣ କରାଯିବ ବୋଲି ନିର୍ବାଣର ସମ୍ପାଦକ ରାଉଳ ପ୍ରକାଶ କରିଛନ୍ତି।

■ ଫନୀରେ ରେନ୍ତୁଆ ବିସି କଲେଜର ବ୍ୟାପକ କ୍ଷୟକ୍ଷତି

## ଭାଙ୍ଗିଲା ଶ୍ରେଣୀଗୃହ, ୨୦ ଲକ୍ଷର ସମ୍ପତ୍ତି ନଷ୍ଟ

**ରଘୁନାଥପୁର, ୨୦।୫ (ଡି.ଏନ.ଏ.)**



ରେନ୍ତୁଆସ୍ଥିତ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟର ଶ୍ରେଣୀଗୃହ ଆଜ୍‌ବେଷ୍ଟସ୍ ଭାଙ୍ଗିଯାଇଛି।

- ■ଉପୁଡ଼ି ପଡ଼ିଛି ମୂଲ୍ୟବାନ ଗଛ
- ■ପିଲାଙ୍କ ପାଠପଢ଼ାରେ ବାଧା ସୃଷ୍ଟି ହେବା ଆଶଙ୍କା

ବାତ୍ୟା ଫନୀରେ ରଘୁନାଥପୁର ବ୍ଲକ ରେନ୍ତୁଆସ୍ଥିତ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟର ବ୍ୟାପକ କ୍ଷୟକ୍ଷତି ହୋଇଛି। ୧୦ଟି ଶ୍ରେଣୀଗୃହ ସମେତ ଅନେକ ମୂଲ୍ୟବାନ ଗଛ ଉପୁଡି ଯାଇଛି। ଆନୁମାନିକ ମୂଲ୍ୟ ୨୦ ଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଅଧ୍ୟକ୍ଷ ସରୋଜ କୁମାର ପଣ୍ଡା କହିଛନ୍ତି। ବ୍ଲକର ପୁରାତନ କଲେଜ ଭାବେ ଅଧିକାଂଶ ଛାତ୍ରୀଛାତ୍ର ଏଠାରେ ପଢିବାକୁ ଆସିଥାନ୍ତି। ବର୍ତ୍ତମାନ ୧୧ ଶହ ଛାତ୍ରୀଛାତ୍ର କଲେଜରେ ଅଧ୍ୟୟନରତ ଅଛନ୍ତି। କଲେଜରେ ଅଳ୍ପ ସଂଖ୍ୟକ କଙ୍କ୍ରିଟ ଛାତ ଶ୍ରେଣୀଗୃହ ଭାବେ ବ୍ୟବହୃତ ହେଉଥିବାବେଳେ ପ୍ରାୟ ୭୦ ପ୍ରତିଶତ ଆଜବେଷ୍ଟସ ଘରେ ପିଲାମାନେ ପାଠ ପଢିଥାନ୍ତି। ତେବେ ବାତ୍ୟାରେ ୧୦ଟି ଶ୍ରେଣୀଗୃହର କଡିବରଗା ସହ ଆଜବେଷ୍ଟସ ଭାଙ୍ଗିରୁଜି ଯାଇଛି। ଫଳରେ ଆସନ୍ତା ଜୁନ୍ ମାସ ରଜ ଛୁଟି ପରେ ପିଲାମାନଙ୍କ ପାଠପଢା ନେଇ ଆଶଙ୍କା ପ୍ରକାଶ ପାଇଛି। ଏ ସମ୍ପର୍କରେ କଲେଜ ଅଧ୍ୟକ୍ଷ ପଣ୍ଡା ସବ୍ କଲେକ୍ଟର, ଜିଲାପାଳ ଓ ଗତ ଶନିବାର ରାଜ୍ୟପାଳଙ୍କ ରଘୁନାଥପୁର ବ୍ଲକ ଗସ୍ତ ସମୟରେ ଲିଖିତ ଭାବେ ଜଣାଇବା ସହ ଶ୍ରେଣୀଗୃହଗୁଡିକ ଶିକ୍ଷା ଉପଯୋଗୀ କରିବାକୁ ଅନୁରୋଧ କରିଛନ୍ତି। ଏହାଛଡା କଲେଜରେ ଥିବା ବହୁ ମୂଲ୍ୟବାନ ଶିଶୁ, ଶାଗୁଆନ ଓ ଆକାଶିଆ ଗଛ ପବନ ମାଡରେ ଭାଙ୍ଗିଯାଇଛି। ପରିବେଶକୁ ଏକ ପ୍ରକାର ଧ୍ୱସ୍ତବିଧ୍ୱସ୍ତ କରି ଦେଇଛି। ଛାତ୍ରୀଛାତ୍ରଙ୍କ ଶିକ୍ଷାଦାନକୁ ଦୃଷ୍ଟିରେ ରଖି, ଯଥାଶୀଘ୍ର ଶ୍ରେଣୀଗୃହଗୁଡିକ ମରାମତି କରି ଶିକ୍ଷା ଉପଯୋଗୀ କରିବାକୁ ଛାତ୍ରୀଛାତ୍ରଙ୍କ ସମେତ ଅଞ୍ଚଳର ବୁଦ୍ଧିଜୀବୀ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି।



ଭଗବାନଙ୍କ ନାମ ଜପିଲେ ମଣିଷର ଦେହ, ମନ ସବୁ ଶୁଦ୍ଧ ହୋଇଯାଏ ।

- ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ବିଦ୍ୟୁତ୍ ତାର ଟଣାକୁ ନେଇ ଉତ୍ତେଜନା

**କଟକ ସଦର,୨୦।୫(ଡି.ଏନ୍.ଏ.):** ବିଦ୍ୟୁତ୍ ତାର ଟଣାକୁ ନେଇ ସୋମବାର କନ୍ଦରପୁର ଥାନା ଅନ୍ତର୍ଗତ ଦେଓପୁର ଗ୍ରାମରେ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। କମିଶନରେଟ ପୋଲିସର ହସ୍ତକ୍ଷେପ ଯୋଗୁ ଗୋଷ୍ଠୀ ସଂଘର୍ଷକୁ ଏଡାଇ ଦିଆଯାଇପାରିଥିଲା। ଗ୍ରାମରେ ଶାନ୍ତିଶୃଙ୍ଖଳା ପାଇଁ ଗୋଟିଏ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ସୂଚନା ଅନୁଯାୟୀ, ଦେଓପୁର ଟ୍ରାନ୍ସଫର୍ମର ୨ନଂ.ରୁ ରବିବାର ଗ୍ରାମ ଭିତରକୁ ବିଦ୍ୟୁତ୍ ସଂଯୋଗ ହୋଇଥିଲା। କେବୁଲରେ ଲାଇନ ଦିଆଯିବାରୁ ଗୋଟିଏ ଗୋଷ୍ଠୀ ଏହାକୁ ବିରୋଧ କରିଥିଲେ। ପୂର୍ବ ଭଳି ଖୋଲା ତାରରେ ସଂଯୋଗ ନେବା ପାଇଁ ଦାବି କରିଥିଲେ। ଅନ୍ୟ ଏକ ଗୋଷ୍ଠୀର ପର୍ବ ଚାଲିଥିବାରୁ ସେମାନେ ଘରକୁ ସଂଯୋଗ କରି ଆଲୁଅ ଜାଳିଥିଲେ। ତେଣୁ ଯେଉଁମାନେ ଲାଇନ ପାଇ ନ ଥିଲେ ସେହି ଗୋଷ୍ଠୀ ରବିବାର ରାତିରେ ଟ୍ରାନ୍ସଫର୍ମର ଫ୍ୟୁଜ୍ କାଟିଦେଇଥିଲେ। ଏହାକୁ ନେଇ ଗୋଷ୍ଠୀ ସଂଘର୍ଷ ଆରମ୍ଭ ହେବା ପୂର୍ବରୁ କନ୍ଦରପୁର ଏସ୍ଆଇ ରୋହିତ କୁମାର ବଳ ସଶସ୍ତ୍ର ପୋଲିସ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ରିପୋର୍ଟ ଲେଖା ହେବା ବେଳକୁ ସାମାଜିକକର୍ମୀ ସମର ବେହେରା, ପୀତବାସ ବେହେରା ଓ ଲାଇନମ୍ୟାନ ପ୍ରସନ୍ନ କୁମାର ତ୍ରିପାଠୀ ପରିସ୍ଥିତିକୁ ଆୟତ୍ତ କରିବା ପାଇଁ ଉଭୟ ଗୋଷ୍ଠୀଙ୍କ ସହ ଆଲୋଚନା ଚଳାଇଥିଲେ।

### ଡାକସେବା ବ୍ୟାହତ

**କଟକ ସଦର, ୨୦।୫ (ଡି.ଏନ.ଏ.):** କଟକ ସଦର ବ୍ଲକ ଅଞ୍ଚଳରେ ଗତ ୩ ତାରିଖଠାରୁ ଡାକସେବା ବ୍ୟାହତ ହୋଇଛି। ଇଣ୍ଟରନେଟ୍ ସେବା ଅଚଳ ହୋଇଥିବାରୁ ଅନ୍‌ଲାଇନ ଦ୍ୱାରା ପରିଚାଳିତ ଡାକସେବା କାର୍ଯ୍ୟ କରୁ ନ ଥିବା ଜଣାପଡିଛି। ଫଳରେ ଚିଠି ପ୍ରେରଣ, ବିଭିନ୍ନ ଜମାରୁ ଟଙ୍କା ଉଠାଣ କାର୍ଯ୍ୟ ହୋଇପାରୁନାହିଁ। ବିରିବାଟୀ, ବେଣ୍ଟକାର, ସୋମପୁର, କିଶୋରନଗର ଉପ ଡାକଘର ଉପରେ ନିର୍ଭରଶୀଳ ୨୦ଟି ଶାଖା ଡାକଘରେ ମଧ ସମାନ ପରିସ୍ଥିତି ଦେଖିବାକୁ ମିଳିଛି। ମେ' ମାସର ଅର୍ଦ୍ଧେକ ସମୟ ବିତିଯାଇଥିବାରୁ ଡାକ ଜୀବନ ବୀମା, ସଞ୍ଚୟ ବ୍ୟାଙ୍କ ଜମାର ମାସିକିଆ କିସ୍ତି ମଧ ଡାକଘରେ ଜମା କରାଯାଇପାରୁନାହିଁ। ଏଭଳି ଅବସ୍ଥା ଆଉ କିଛିଦିନ ଲାଗି ରହିଲେ ଗ୍ରାହକମାନଙ୍କୁ ଜରିମାନା ସହ କିସ୍ତି ଦେବାକୁ ପଡିବ। ଟେଲିଫୋନ ଏକ୍ସଚେଞ୍ଜ ଦ୍ୱାରା ପରିଚାଳିତ ଇଣ୍ଟରନେଟ୍ ସେବା ଠିକ୍ ଭାବେ କାର୍ଯ୍ୟ ନ କରିବା ପଛରେ ବିଦ୍ୟୁତ୍ ନ ମିଳିବା ମୁଖ୍ୟ କାରଣ ବୋଲି ବିଏସ୍ଏନ୍ଏଲ୍‌ର ଜଣେ ବରିଷ୍ଠ ଯନ୍ତ୍ରୀ ନିଜର ପରିଚୟ ଗୋପନ ରଖି କହିଛନ୍ତି। କିଶୋରନଗର, ସୋମପୁର, କନ୍ଦରପୁର, ୪୨ ମୌଜା, ବିରିବାଟୀ ସ୍ୱୟଂକ୍ରୀୟ ଟେଲିଫୋନ ଏକ୍ସଚେଞ୍ଜରେ ବିଦ୍ୟୁତ୍ ସରବରାହ ହୋଇନାହିଁ। ତେଣୁ ଜେନେରେଟର ଦ୍ୱାରା ଏହିସବୁ ଏକ୍ସଚେଞ୍ଜ ଚଳାଇ ଇଣ୍ଟରନେଟ୍ ସେବାକୁ ଚାଲୁ କରିବା ପାଇଁ ସାଧାରଣରେ ଦାବି ହେଉଛି।

■ କାର ଦୁର୍ଘଟଣାରେ ୪ ଆହତ ଘଟଣା

# ୧୫ ଦିନ ବିତିଲା: କାର୍ଯ୍ୟାନୁଷ୍ଠାନ ନେଉନି ପୋଲିସ

**କଟକ ଅଫିସ୍,୨୦।୫**

ଦୁଇଜଣ କାର୍ଯ୍ୟରତ ଖବରଦାତାଙ୍କ ସମେତ ୪ ଜଣଙ୍କୁ ଧକ୍କା ଦେଇ ଏକ କାର ଫେରାର ହୋଇଯାଇଥିଲା। ଖବରଦାତା ଦ୍ୱୟ ଉକ୍ତ ଗାଡି ନମ୍ବର ଓ ଗାଡି ସହ ଜଡିତ ସମସ୍ତ ତଥ୍ୟ ପୋଲିସକୁ ଦେବା ସହ ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାକୁ ଏବେ ୧୫ ଦିନ ବିତି ଯାଇଛି। ହେଲେ ପୋଲିସ ଏପର୍ଯ୍ୟନ୍ତ ଉକ୍ତ ଗାଡିକୁ ଜବତ କରି ନ ଥିବାବେଳେ ଚାଳକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଏହାକୁ ନେଇ ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରି ସ୍ଥଳେ ଉକ୍ତ ଗାଡି ସରକାରୀ କାର୍ଯ୍ୟରେ ଲାଗିଥିବାରୁ ପୋଲିସ ପଦକ୍ଷେପ ଗ୍ରହଣ କରୁନି ଖବରଦାତା ଦ୍ୱୟ ଅଭିଯୋଗ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଗତ ୫ ତାରିଖ ରାତି ୯ଟାରେ ଖବରଦାତା ଶିବୁ ସିଂ ରାଜପୁତ ଏବଂ ଅନ୍ୟ ଜଣେ ଖବରଦାତା ଓଏମ୍‌ପି ଓଭର ବ୍ରିଜ୍‌ରୁ ତଳକୁ ଗଡି କଲେଜ ଛକ ଆଡକୁ ଯାଉଥିଲେ। ସେହି ସମୟରେ ଦ୍ରୁତ ଗତିରେ ଓଏମ୍‌ପି ଓଭର ବ୍ରିଜ୍‌ରୁ ଆସୁଥିବା ଏକ କଳାରଙ୍ଗର କାର ପ୍ରଥମେ ସାଇକେଲରେ ଯାଉଥିବା ଦୁଇ ଜଣ ବ୍ୟକ୍ତିଙ୍କୁ ଧକ୍କା ଦେଇଥିଲା। ପରେ ବାଇକ୍‌ରେ ଯାଉଥିବା ଶିବୁ ଏବଂ ତାଙ୍କର ଅନ୍ୟ ଜଣେ ଖବରଦାତା ବନ୍ଧୁଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ସାଇକେଲ ଚାଳକ ଦ୍ୱୟ ତଳେ ପଡି ଆହତ ହୋଇଥିବା ବେଳେ ଶିବୁଙ୍କ ଡାହାଣ ହାତ ଭାଙ୍ଗି ଯାଇଥିଲା। ପରେ ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲେ। ତେବେ ଏ ନେଇ ଗତ ୬ ତାରିଖରେ ଉକ୍ତ ଗାଡିର ନମ୍ବର ଦେବା ସହ ଶିବୁ ଏବଂ ତାଙ୍କ ବନ୍ଧୁ ମାଲଗୋଦାମ ଥାନାରେ ଅଭିଯୋଗ କରିଥିଲେ। ଶିବୁ ଏବଂ ତାଙ୍କ ବନ୍ଧୁଙ୍କ କହିବା ଅନୁଯାୟୀ, ଘଟଣାର ଦୁଇଦିନ ପରେ ମଧ ପୋଲିସ ଉକ୍ତ କାର ଏବଂ ଚାଳକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ ଥିଲା। ଫଳରେ ସେମାନେ କଟକ ଆରଟିଓ ଅଫିସକୁ ଯାଇ ପଚରାଉଚରା କରିବାରୁ ଓଏମ୍‌ପି ସ୍ଥିତ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟରେ ଉକ୍ତ କାର ଭଡା ଲାଗିଥିବା ଜଣାପଡିଥିଲା। ଗତ ୮ ତାରିଖରେ ଏ ସମସ୍ତ ସୂଚନା ସେମାନେ ପୋଲିସକୁ ଦେବା ସହ ସମ୍ପୃକ୍ତ କାର ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ହେଲେ ପୋଲିସ ଜାଣିଶୁଣି କାର ଚାଳକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ସେମାନେ ଅଭିଯୋଗ କରିଛନ୍ତି।

ଏ ନେଇ ମାଲଗୋଦାମ ଥାନା ଅଧିକାରୀ ରବି ନାରାୟଣ ଭଞ୍ଜ କୁହନ୍ତି, ପୋଲିସ ସେତେବେଳେ ଫନୀ ଯୋଗୁ କାର୍ଯ୍ୟ ବ୍ୟସ୍ତତାରେ ଥିଲା। ଏହି ଘଟଣା ମୋ' ନଜରକୁ ଆସିନାହିଁ। ଯଦି ଏଭଳି କିଛି ଘଟଣା ଘଟିଛି ତେବେ ସେ ଯିଏ ବି ହେଉନା କାହିଁକି ଆଇନ ଅନୁଯାୟୀ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ଅସହ୍ୟ ତାତିରୁ ସାମୟିକ ରକ୍ଷା ପାଇବା ପାଇଁ ତାଳଦଣ୍ଡା କେନାଲରେ ପିଲାମାନେ ଗାଧୋଇବାର ମଜା ନେଉଛନ୍ତି।

## ଏସ୍‌ସିବିରେ ୭ ଲିଫ୍ଟ ଅଚଳ

**କଟକ ଅଫିସ, ୨୦।୫**

■ରୋଗୀ ହୀନସ୍ତା

■ପ୍ରଶାସନିକ ଅଧିକାରୀଙ୍କୁ ଭେଟିଲେ ଛାତ୍ରୀଛାତ୍ର

ଏସ୍‌ସିବି ମେଡିକାଲରେ ୭ଟି ଲିଫ୍ଟ ଅଚଳ ହୋଇପଡ଼ିଛି। ସେଥିମଧ୍ୟରେ ସର୍ଜରୀ, ନୂଆ ମେଡିସିନ ବିଲ୍ଡିଂ, କାର୍ଡିଓଲୋଜି, ମାନସିକ ରୋଗ ବିଭାଗ, ଶିଶୁରୋଗ ବିଭାଗ, ଅସ୍ଥିଶଲ୍ୟ ବିଭାଗର ଗୋଟିଏ ଲେଖାଏ ଲିଫ୍ଟ ରହିଛି। ଏହାବାଦ ମେଡିକାଲ ଏକାଡେମିକ୍ ବ୍ଲକର ଲିଫ୍ଟ ମଧ ଅଚଳ ହୋଇଛି। ମେଡିକାଲରେ ମୋଟ୍ ୨୧ଟି ଲିଫ୍ଟ ଲାଗିଛି। ଫନୀ ପରେ ବିଦ୍ୟୁତ୍ ସରବରାହକୁ ନେଇ ଏହି ଲିଫ୍ଟଗୁଡ଼ିକରେ ସମସ୍ୟା ଦେଖାଦେଉଛି। ଗୋଟିଏ ଲିଫ୍ଟ ସଜାଡିଲା ବେଳକୁ ଆଉ ଗୋଟିଏ ଅଚଳ ହୋଇପଡୁଛି। ଫଳରେ ରୋଗୀମାନେ ହୀନସ୍ତା ହେଉଛନ୍ତି। ଏପରି କି ଏକାଡେମିକ ବ୍ଲକର ଲିଫ୍ଟ ଅଚଳ ହୋଇପଡ଼ିବା ଯୋଗୁ ଏହି ବ୍ଲକର ୪ ମହଲା ଉପରେ ଥିବା ଲାଇବ୍ରେରୀକୁ ଛାତ୍ରୀଛାତ୍ରମାନେ ପଢିବା ପାଇଁ ଯିବାକୁ ସମସ୍ୟା ଭୋଗୁଛନ୍ତି। ସୋମବାର ଅଣୁଜୀବ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ଡା. ନିରୁପମା ଚୟନିଙ୍କ ସହିତ କେତେଜଣ ଛାତ୍ରୀଛାତ୍ର ମେଡିକାଲ ପ୍ରଶାସନିକ ଅଧିକାରୀ କଳ୍ପତରୁ ବେହେରାଙ୍କୁ ଭେଟି ଏ ସମ୍ପର୍କରେ ଅବଗତ କରାଇଛନ୍ତି। ତେବେ ଲିଫ୍ଟର ପରିଚାଳନା ଠିକ୍ ଭାବେ ହେଉ ନ ଥିବାରୁ ଏଭଳି ସମସ୍ୟା ଉପୁଜୁଥିବା ପ୍ରଶାସନିକ ଅଧିକାରୀ ବେହେରା କହିଛନ୍ତି।

## ୬ଦଫା ଦାବି ନେଇ ଛାତ୍ରୀଛାତ୍ରଙ୍କ ବିକ୍ଷୋଭ



ରଘୁନାଥଜୀଉ ମହାବିଦ୍ୟାଳୟଠାରେ ଛାତ୍ରୀଛାତ୍ରମାନେ ବିକ୍ଷୋଭ କରୁଛନ୍ତି।

**କଟକ ଅଫିସ,୨୦।୫**

୬ ଦଫା ଦାବି ନେଇ ଦେଉଳସାହି ସ୍ଥିତ ରଘୁନାଥଜୀଉ ମହାବିଦ୍ୟାଳୟ ମୁଖ୍ୟ ଫାଟକ ନିକଟରେ ସୋମବାର ଛାତ୍ରୀଛାତ୍ରମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆଡମିଶନ ଓ ରିଆଡମିଶନ ଫି' ମନଇଚ୍ଛା ବୃଦ୍ଧି କରାଯାଉଛି ବୋଲି ଛାତ୍ର ପରମିତ ଦାସ କହିଛନ୍ତି। ଏହାଛଡ଼ା ମହାବିଦ୍ୟାଳୟର ଅନ୍ୟ କେତେକ ସମସ୍ୟା ନେଇ ଏହି ବିକ୍ଷୋଭ ହୋଇଥିଲା। ଏପରି କି ଦାବି ପୂରଣ ନ ହେଲେ ଆଗାମୀ ଦିନରେ ବଡ଼ଧରଣର ଆନ୍ଦୋଳନ ହେବ ବୋଲି ପରମିତ କହିଛନ୍ତି। ଛାତ୍ର ସମ୍ବିତ ପ୍ରତିହାରୀ, ଯଶୋବନ୍ତ ବେହେରା, ସିଦ୍ଧାର୍ଥ ସ୍ୱାଇଁ, ଦୀପ୍ତିମୟୀ ଓଝା, ରୋଜାଲିନ ମହାପାତ୍ର ପ୍ରମୁଖ ବିକ୍ଷୋଭର ନେତୃତ୍ୱ ନେଇଥିଲେ।

## ମହିଳା କର୍ମଚାରୀଙ୍କ ଠାରୁ ଲକ୍ଷାଧିକ ଟଙ୍କା ଲୁଟ୍

**ଚୌଦ୍ୱାର,୨୦।୫(ଡି.ଏନ୍.ଏ.)**

ଚୌଦ୍ୱାର ଥାନା ଅନ୍ତର୍ଗତ ନୁନ୍‌ଟିକିରୀ ଛକ ନିକଟରୁ ସୋମବାର ଅପରାହ୍ନ ପ୍ରାୟ ୧ଟାରେ ଏକ ଅର୍ଥ ଲଗାଣକାରୀ ସଂସ୍ଥାର କର୍ମଚାରୀ ମଧୁସ୍ମିତା ସାମନ୍ତରାୟଙ୍କଠାରୁ ଲକ୍ଷାଧିକ ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଚଳାଇଛି। ମଧୁସ୍ମିତାଙ୍କ ଅଭିଯୋଗ ଅନୁଯାୟୀ, ଚୌଦ୍ୱାର ପାଖ ଗ୍ରାମାଞ୍ଚଳରୁ ଉଜ୍ଜୀବନ ସ୍ମଲ ଫାଇନାନ୍ସ ସଂସ୍ଥାର ଗ୍ରାହକଙ୍କ ନିକଟରୁ ୧ଲକ୍ଷ ୨୮ହଜାର ୯୦୧ଟଙ୍କା ଋଣ କିସ୍ତି ଆଦାୟ କରି ସେ ସ୍କୁଟିରେ ଅଫିସକୁ ଆସୁଥିଲେ। ୩ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ତାଙ୍କୁ ପିଛା କରିବା ସହ ନୁନ୍‌ଟିକିରୀ ଛକ ନିକଟରେ ତାଙ୍କ ଗାଡି ଆଗରେ ହଠାତ୍ ଗାଡି ରଖିଦେଇଥିଲେ। ଫଳରେ ମଧୁସ୍ମିତା ସ୍କୁଟି ସହ ତଳେ ପଡିଯାଇଥିଲେ। ଏହି ସମୟରେ ଦୁର୍ବୃତ୍ତମାନେ ତାଙ୍କଠାରୁ ଟଙ୍କା ବ୍ୟାଗ୍‌କୁ ଛଡ଼ାଇନେଇ ଚମ୍ପଟ ମାରିଥିଲେ। ବ୍ୟାଗ୍‌ରେ ଟଙ୍କା ସହିତ ଋଣ ଆଦାୟ ମେସିନ୍, ଗୋଟିଏ ମୋବାଇଲ, ବିଭିନ୍ନ ବ୍ୟାଙ୍କର ଏଟିଏମ୍ କାର୍ଡ ଓ ବିଭିନ୍ନ ଦରକାରୀ କାଗଜପତ୍ର ଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ମଧୁସ୍ମିତାଙ୍କର ଋଣ ଆଦାୟ ଏକ ଦୈନନ୍ଦିନ କାର୍ଯ୍ୟ ହୋଇଥିବାରୁ କେହି ଦୁର୍ବୃତ୍ତ ତାଙ୍କ ଗତିବିଧିକୁ ଲକ୍ଷ୍ୟ ରଖି ଏଭଳି କାଣ୍ଡ କରିଥିବା ଓ ଖୁବ୍‌ଶୀଘ୍ର ସେମାନଙ୍କୁ ଧରାଯିବ ବୋଲି ଆଇଆଇସି ପଦ୍ମନାଭ ପ୍ରଧାନ କହିଛନ୍ତି ।

## ଆବର୍ଜନା ସଫା କରିବ ଏସ୍‌ଏଚ୍‌ଜି

**କଟକ ଅଫିସ,୨୦।୫**

**କଟକ ମହାନଗର ନିଗମ**

ସହରର ବର୍ଜ୍ୟବସ୍ତୁକୁ ନେଇ କଟକ ମହାନଗର ନିଗମ (ସିଏମ୍‌ସି)ର ଚିନ୍ତା ବଢିବାରେ ଲାଗିଛି। ଆଗକୁ ମୌସୁମୀ ଆସୁଥିବାରୁ ଜୁନ୍ ପ୍ରଥମ ସପ୍ତାହ ସୁଦ୍ଧା ସହରରେ ସଫେଇ କାର୍ଯ୍ୟ ସାରିବାକୁ ଆରଡିସି ତାଗିଦ୍ କରିଛନ୍ତି। ଯାହାକୁ ନେଇ ସିଏମ୍‌ସି ତତ୍ପର ହୋଇଉଠିଛି। ସୋମବାର ଏ ନେଇ ସିଏମସି କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଏମ୍‌ସିର ଡେପୁଟି କମିଶନର, ସିଏମ୍‌ସି ସେକ୍ରେଟାରୀ, ପ୍ରତି ୱାର୍ଡ ଦାୟିତ୍ୱରେ ଥିବା ଏସ୍‌ଏଚ୍‌ଜି ଗ୍ରୁପର କର୍ମୀ, ସଭାପତି, ସମ୍ପାଦକ ଓ ଅନ୍ୟାନ୍ୟ ଉଚ୍ଚପଦାଧିକାରୀ ଉପସ୍ଥିତ ଥିଲେ।

ସିଏମ୍‌ସିର ବିଭିନ୍ନ ୱାର୍ଡରେ ଆବର୍ଜନା ଜମି ରହିଛି। ଏଥିଯୋଗୁ ଡ୍ରେନେଜ ସମସ୍ୟା ମଧ ଦେଖାଦେଇଛି। ସହରର ରିଂରୋଡ, ବାଦାମବାଡ଼ି, ମଙ୍ଗଳାବାଗ, ମିଶନରୋଡ, ଖାନ୍‌ନଗର, ଅରୁଣୋଦୟନଗର, ଝାଞ୍ଜିରିମଙ୍ଗଳା ଆଦି ସ୍ଥାନରେ ଡ୍ରେନେଜ ସଫା କରାଯାଉ ନ ଥିବା ଅଭିଯୋଗ ହୋଇଛି। ଆଉ କେତେକ ସ୍ଥାନରେ ଡ୍ରେନେଜ ସଫା ହୋଇଥିବାବେଳେ ସେଠାରେ ଗଦା ହୋଇଥିବା ଆବର୍ଜନାକୁ ସିଏମ୍‌ସି ପକ୍ଷରୁ ଉଠାଯାଉ ନ ଥିବା ଅଭିଯୋଗ ହୋଇଛି। ଏହାକୁ ଦୃଷ୍ଟିରେ ରଖି ସିଏମ୍‌ସି ଏଥର ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି) ମାଧ୍ୟମରେ ସହରରୁ ଆବର୍ଜନା ଉଠାଇବା କାମ କରିବାକୁ ଅଣ୍ଟା ଭିଡ଼ିଛି। ୱାର୍ଡର ପ୍ରତି ଘର ବୁଲି ଏସ୍‌ଏଚ୍‌ଜି ଗ୍ରୁପ ଆବର୍ଜନା ସଂଗ୍ରହ କରିବେ। ଏଥିସହ ଆବର୍ଜନାକୁ ଇଆଡେ ସିଆଡେ ନ ଫିଙ୍ଗି ଗୋଟିଏ ଜାଗାରେ ରଖି ଏସଏଚ୍‌ଜିକୁ ଦେବା ପାଇଁ ଲୋକଙ୍କୁ ସଚେତନ କରାଯିବ। ଏସ୍‌ଏଚ୍‌ଜିକୁ କ'ଣ ସବୁ ସୁବିଧା ଯୋଗାଇ ଦିଆଗଲେ ବିନା କୌଣସି ସମସ୍ୟାରେ ସହର ଆବର୍ଜନାମୁକ୍ତ ହୋଇପାରିବ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା। ପ୍ରତି ୱାର୍ଡରୁ କିଭଳି ଭାବେ ଆବର୍ଜନା ସଂଗ୍ରହ କରାଯିବ ସେ ନେଇ ବୈଠକରେ ଉପସ୍ଥିତ ଏସ୍‌ଏଚ୍‌ଜି କର୍ମୀମାନଙ୍କୁ ତାଲିମ ଦିଆଯାଇଥିଲା। ଏକ ଭିଡିଓ ମାଧମରେ କିପରି ଏହାକୁ ସୁବିଧାରେ କାର୍ଯ୍ୟକାରୀ କରାଯାଇ ପାରିବ ସେ ନେଇ ସୂଚନା ଦିଆଯାଇଥିଲା। ମଙ୍ଗଳବାରଠାରୁ ଏହି ଗ୍ରୁପ୍ ୱାର୍ଡ ବୁଲି ଆବର୍ଜନା ସଂଗ୍ରହ କରିବ। ଏହି ପ୍ରକ୍ରିୟା ସଫଳ ହେଲେ ଆଗାମୀ ଦିନରେ ସହରର ସଫେଇ ଦାୟିତ୍ୱ ନେବେ ଏସ୍‌ଏଚ୍‌ଜି। ଏହି ଗ୍ରୁପକୁ ସିଏମ୍‌ସି ପକ୍ଷରୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ଡେପୁଟି କମିଶନର ଦେବାଶିଷ ମହାନ୍ତି କହିଛନ୍ତି।

## ଜୁନ୍ ପହିଲାରୁ ଘରଭଙ୍ଗା କାର୍ଯ୍ୟାଦେଶ

**କଟକ ଅଫିସ, ୨୦।୫**

**ଫନୀ ପ୍ରଭାବିତଙ୍କ ପାଇଁ ବୈଠକ**

■ନଷ୍ଟ ଘରକୁ ଜିଓ ଟ୍ୟାଗିଂ କରାଯିବ

ଫନୀ ପ୍ରଭାବରେ ଭାଙ୍ଗି ଯାଇଥିବା ଘର ବଦଳରେ ପକ୍କାଘର ଯୋଗାଇ ଦିଆଯିବ। ଆସନ୍ତା ଜୁନ୍ ପହିଲାରୁ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଦିଆଯିବ। ଘରଭଙ୍ଗା ସର୍ଭେ ବେଳେ ନଷ୍ଟ ହୋଇଥିବା ପ୍ରତି ଘରକୁ ଜିଓ ଟ୍ୟାଗିଂ କରାଯିବ। ସେହିପରି ଗୃହପାଳିତ ପଶୁପକ୍ଷୀମାନଙ୍କର କ୍ଷୟକ୍ଷତି ଯଥା ଗାଈ ଓ ମଇଁଷିର ମୃତ୍ୟୁ ଘଟିଥିଲେ ହିତାଧିକାରୀଙ୍କୁ ପ୍ରତି ମୃତ ପ୍ରାଣୀ ପାଇଁ ୩୦ ହଜାର ଟଙ୍କା, ମୃତଛେଳି ପାଇଁ ୩ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯିବ। ଫନୀ ପ୍ରଭାବିତଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପ୍ୟାକେଜ ଅନୁସାରେ ସହାୟତା ଯୋଗାଇବା ଓ କ୍ଷୟକ୍ଷତି ଆକଳନର ଅଗ୍ରଗତି ସମ୍ପର୍କରେ ସୋମବାର ଜିଲାପାଳ ଅରବିନ୍ଦ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନିଆଯାଇଛି । କୃଷି, ଉଦ୍ୟାନ କୃଷି ଓ ରାଜସ୍ୱ ଅଧିକାରୀଙ୍କ ମିଳିତ ସହଯୋଗରେ କୃଷି କ୍ଷେତ୍ରରେ କ୍ଷୟକ୍ଷତିର ଆକଳନ କରାଯାଉଛି। କୃଷି କ୍ଷେତ୍ରରେ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଯେଉଁମାନଙ୍କର ୩୩ ପ୍ରତିଶତ ଶସ୍ୟ କ୍ଷୟକ୍ଷତି ହୋଇଥିବ, ସେମାନଙ୍କୁ ଅଣଜଳସେଚିତ ଜମି ପାଇଁ ହେକ୍ଟର ପିଛା ୬୮୦୦ ଟଙ୍କା ସବ୍‌ସିଡି, ଜଳସେଚିତ ଜମି ପାଇଁ ହେକ୍ଟର ପିଛା ୧୩, ୫୦୦ଟଙ୍କା ସବ୍‌ସିଡି ଓ ସବୁଦିନିଆ ଚାଷର କ୍ଷୟକ୍ଷତି ପାଇଁ ହେକ୍ଟର ପିଛା ୧୮ ହଜାର ଟଙ୍କା ସବ୍‌ସିଡି ଆକାରରେ ଯୋଗାଇ ଦିଆଯିବାର ବ୍ୟବସ୍ଥା ରହିଛି। ଜିଲାରେ ଫନୀ ପରବର୍ତ୍ତୀ ପ୍ରଭାବିତ ଲୋକମାନଙ୍କୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ସଚେତନ ପାଇଁ ଗ୍ରାମାଞ୍ଚଳ ଏବଂ ଶିଳ୍ପାଞ୍ଚଳରେ ତହସିଲଦାର, ବିଡିଓ, ସ୍ୱାସ୍ଥ୍ୟ ଅଧିକାରୀ ଏବଂ କର୍ମୀମାନେ ପରିଦର୍ଶନ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ନିଷ୍ପତ୍ତି ହୋଇଛି । ଏହି ବୈଠକରେ ଅତିରିକ୍ତ ଜିଲାପାଳ ଶ୍ରୀକାନ୍ତ ତରାଇ, ପିଡି ଡିଆରଡିଏ ସରୋଜକାନ୍ତ ମହାନ୍ତି, ଉପ କୃଷି ନିର୍ଦ୍ଦେଶକ ପରେଶ ଚନ୍ଦ୍ର ସାହୁ, ଜିଲା ଆପାତକାଳୀନ ଅଧିକାରୀ ଅନିତା ପାତ୍ରଙ୍କ ସମେତ ଜିଲାର ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ ।

■ଭୋଟ୍ ଗଣତି ପାଇଁ କମିଶନରେଟ ପୋଲିସର ସୁରକ୍ଷା ବ୍ୟବସ୍ଥା

## ଟ୍ୱିନ୍ ସିଟିରେ ମୁତୟନ ହେବେ ୩୨ ପ୍ଲାଟୁନ ଫୋର୍ସ

**ଭୁବନେଶ୍ୱର, ୨୦।୫(ବ୍ୟୁରୋ)**

**ରାଜନୈତିକ ଦଳର କାର୍ଯ୍ୟାଳୟକୁ ସ୍ୱତନ୍ତ୍ର ସୁରକ୍ଷା**

ଗୁରୁବାର ଭୋଟ ଗଣତି। ଏହାକୁ ନେଇ ଏବେ ଉତ୍କଣ୍ଠା ବଢ଼ିବାରେ ଲାଗିଛି। ତେବେ ଉକ୍ତ ଦିନ କମିଶନରେଟ ପୋଲିସ୍ ପକ୍ଷରୁ ଟ୍ୱିନ୍ ସିଟିରେ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଭୁବନେଶ୍ୱରରେ ୨୦ ପ୍ଲାଟୁନ୍ ଓ କଟକରେ ୧୨ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ହେବ। ଭୁବନେଶ୍ୱରରେ ବିଜେବି କଲେଜ, କଟକରେ ବୋଷ ଇଞ୍ଜିନିୟରିଂ କଲେଜ ଓ ସେଣ୍ଟ୍ରାଲ ସ୍କୁଲରେ ଭୋଟ ଗଣତି ହେବ। ଏହି ଦୁଇଟି ସ୍ଥାନରେ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ହୋଇଛି। ସେହିଭଳି ଭୋଟ ଗଣତି ଶେଷ ପର୍ଯ୍ୟନ୍ତ ଦଳୀୟ ଏଜେଣ୍ଟମାନଙ୍କୁ ଛାଡ଼ି ଅନ୍ୟକାହାକୁ ଗଣତି କେନ୍ଦ୍ର ମଧକୁ ଛଡାଯିବ ନାହିଁ। ବରିଷ୍ଠ ପୋଲିସ ଅଧିକାରୀମାନେ କଣ୍ଟ୍ରୋଲ ରୁମ୍‌ରେ ରହି ପ୍ରତିଟି ସିସିଟିଭି ଫୁଟେଜର ଅନୁଧ୍ୟାନ କରିବେ। ତ୍ରୁଟି ଦେଖାଦେଲେ ତୁରନ୍ତ ଜଣାଇବାକୁ ପୋଲିସ କମିଶନର ସତ୍ୟଜିତ ମହାନ୍ତି ନିର୍ଦ୍ଦେଶ ଦେଇଛନ୍ତି। କମିଶନରେଟ ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ବୈଠକରେ କମିଶନର ମହାନ୍ତି ଏ ସଂକ୍ରାନ୍ତରେ ସୂଚନା ଦେଇ କହିଛନ୍ତି, ଭୋଟ ଗଣତି କେନ୍ଦ୍ର ନିକଟ ରାସ୍ତାରେ ଭିଡ ହେବା ଆଶଙ୍କା କରାଯାଉଛି। ଭିଡ ନିୟନ୍ତ୍ରଣ ପାଇଁ ମଧ ସେଠାରେ ଟ୍ରାଫିକ୍ ପୋଲିସ ନିୟୋଜିତ କରାଯିବ। ନିର୍ବାଚନ ଫଳ ପ୍ରକାଶ ପାଇବା ପରେ କୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ପୋଲିସ ପୂରା ପ୍ରସ୍ତୁତ ରହିଛି। ପ୍ରମୁଖ ରାଜନୈତିକ ଦଳର କାର୍ଯ୍ୟାଳୟ ଓ ରାଜନେତାଙ୍କ ଘରକୁ ସ୍ୱତନ୍ତ୍ର ସୁରକ୍ଷା ଦେବାକୁ ବ୍ୟବସ୍ଥା ହୋଇଛି। ଏହାସହ ରାତିରେ ଅସାମାଜିକ କାର୍ଯ୍ୟାକଳାପ ବଢିବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ଟ୍ୱିନ୍‌ସିଟିରେ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରାଯିବ। ଏହାସହ ବିଳମ୍ବିତ ରାତିରେ ବ୍ଲକିଂ ଓ ଚେକିଂ କରାଯିବାକୁ କମିଶନର ନିର୍ଦ୍ଦେଶ ଦେଇଛନ୍ତି।




କଟକ ନୟାସଡ଼କସ୍ଥିତ ଓଷ୍ଟା ସମ୍ମିଳନୀ କକ୍ଷରେ ପୂର୍ବତନ ଏମ୍‌ପି କମ୍ରେଡ ଡକ୍ଟର ଦ୍ୱିତୀକୃଷ୍ଣ ପଣ୍ଡାଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗ ଦେଇଥିବା ଅତିଥିବୃନ୍ଦ।

# ପ୍ରଫେସର ବୈରାଗୀ ଚରଣ ଜେନା ପାଇଲେ ଡ. ଦୋଳଗୋବିନ୍ଦ ଶାସ୍ତ୍ରୀ ସାରସ୍ୱତ ସମ୍ମାନ

**କଟକ ଅଫିସ,୨୦।୫**



ସମାରୋହରେ ଡ. ବୈରାଗୀ ଚରଣ ଜେନାଙ୍କୁ ଡ. ଦୋଳଗୋବିନ୍ଦ ଶାସ୍ତ୍ରୀ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଉଛି।

କଟକ ସାରଳା ଭବନଠାରେ ଡ. ଦୋଳଗୋବିନ୍ଦ ଶାସ୍ତ୍ରୀ ଫାଉଣ୍ଡେଶନ ପକ୍ଷରୁ ସାରସ୍ୱତ ସାଧକ ପ୍ରଫେସର ଡ. ଦୋଳଗୋବିନ୍ଦ ଶାସ୍ତ୍ରୀଙ୍କ ସ୍ମୃତିରେ ସାରସ୍ୱତ ସନ୍ଧ୍ୟା ଓ ସମ୍ମାନ ପ୍ରଦାନ ସମାରୋହ ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଓଡ଼ିଶା ହାଇକୋର୍ଟର ପ୍ରାକ୍ତନ ବିଚାରପତି ଜଷ୍ଟିସ ପ୍ରଫୁଲ୍ଲ କୁମାର ତ୍ରିପାଠୀ ଏହାକୁ ଉଦ୍‌ଘାଟନ କରି କହିଥିଲେ, ଡ. ଦୋଳଗୋବିନ୍ଦ ଶାସ୍ତ୍ରୀ ଜଣେ ପଣ୍ଡିତ ଥିଲେ। ସେ ବହୁ ଉପାଦେୟ ପୁସ୍ତକ ରଚନା କରି ଓଡ଼ିଆ ବାଣୀଭଣ୍ଡାରକୁ ଋଦ୍ଧିମନ୍ତ କରିଛନ୍ତି। ପ୍ରାଚୀନ ସାହିତ୍ୟ ଉପରେ ତାଙ୍କର ଗବେଷଣା ଆଗାମୀ ପିଢି ପାଇଁ ଆଦର୍ଶ ହୋଇ ରହିବ। ଫାଉଣ୍ଡେଶନର ସଭାପତି ପ୍ରଫେସର ଇଂ. ପ୍ରଭାକର ସ୍ୱାଇଁ ଏଥିରେ ଅଧ୍ୟକ୍ଷତା କରି କହିଥିଲେ, ଡ. ଶାସ୍ତ୍ରୀ ଥିଲେ ବହୁମୁଖୀ ପ୍ରତିଭାର ଅଧିକାରୀ। ଓଡ଼ିଆ ଭାଷା ସମେତ ସଂସ୍କୃତ, ବଙ୍ଗଳା, ହିନ୍ଦୀ ଓ ଇଂଲିଶ ଭାଷାରେ ତାଙ୍କର ଅଗାଧ ପାଣ୍ଡିତ୍ୟ ଥିଲା। ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗର ପ୍ରାଧ୍ୟାପକ ଡ. ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, ଦୋଳଗୋବିନ୍ଦ ଥିଲେ ସାହିତ୍ୟର ବିଶିଷ୍ଟ ଗବେଷକ ଓ ପ୍ରବକ୍ତା। ଏଥିରେ ଇଂ. ଗୋପାଳକୃଷ୍ଣ ବେହେରା, ସାହିତ୍ୟିକ ଡ. ଧରଣୀଧର ନାଥ, ରବୀନ୍ଦ୍ରନାଥ ମହାନ୍ତି, ସାମାଜିକ କର୍ମୀ ଡ. କିଶନଲାଲ ଭରତିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗର ପ୍ରାକ୍ତନ ମୁଖ୍ୟ ପ୍ରଫେସର ଡ. ବୈରାଗୀଚରଣ ଜେନାଙ୍କୁ ଡ. ଦୋଳଗୋବିନ୍ଦ ଶାସ୍ତ୍ରୀ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥିଲା। ନାଟ୍ୟକାର ସଞ୍ଜିତ ପଟ୍ଟନାୟକ ପ୍ରାରମ୍ଭିକ ସୂଚନା, ଫାଉଣ୍ଡେଶନର ସମ୍ପାଦକ ଚୌଧୁରୀ ସତ୍ୟ ଦାସ ଅତିଥି ପରିଚୟ ଏବଂ ଅନ୍ୟତମ ଉପସଭାପତି କୃଷ୍ଣଚନ୍ଦ୍ର ଆଇଚ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମଞ୍ଜୁଶ୍ରୀ ଶାସ୍ତ୍ରୀ ମାନପତ୍ର ପାଠ ଓ ଶିକ୍ଷାବିତ୍ କୈଳାସ ଚନ୍ଦ୍ର ବରାଳ ଧନ୍ୟବାଦ ଦେଇଥିଲେ। ଡ. ବାସୁଦେବ ଦାସ, ପ୍ରଫେସର ଡା. ନୀରଦ କୁମାର ଗୋଚ୍ଛାୟତ, ଡ. ସତ୍ୟ ରାୟ, ପ୍ରାଧ୍ୟାପକ ଚିନ୍ତାମଣି ଭାରତୀ, ଡ. ନିର୍ମଳେନ୍ଦୁ କୁମାର ଦାସ, ନିହାର ରଞ୍ଜନ ରାୟ, ପ୍ରତାପ କିଶୋର ମହାନ୍ତି, ନଳିନୀ ପଣ୍ଡା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବନଶ୍ରୀ ମହାପାତ୍ର, ସୌଦାମିନୀ ତ୍ରିପାଠୀ, ଅଧ୍ୟାପକ ନିର୍ମଳ ଚନ୍ଦ୍ର ପହୀ, ବିଭୁ ପ୍ରସାଦ ରାଉତ, ବ୍ରଜକିଶୋର ବେଉରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଭଗବାନଙ୍କ ନାମ ଜପିଲେ ମଣିଷର ଦେହ, ମନ ସବୁ ଶୁଦ୍ଧ ହୋଇଯାଏ ।

- ରାମକୃଷ୍ଣ ପରମହଂସ



# ଆନ୍ଦୋଳନ ପନ୍ଥା ଆପଣେଇଲେ ବିପନ୍ନ

■ଜିଲାପାଳଙ୍କ କାର୍ଯ୍ୟାଳୟରେ ସିପିଆଇ(ଏମ)ର ଗଣବିକ୍ଷୋଭ
■ଖୋର୍ଦ୍ଧା ତହସିଲ ଘେରିଲେ ପାନବରଜ ବାସିନ୍ଦା

ଖୋର୍ଦ୍ଧା ଅଫିସ,୨୦।୫

ବାତ୍ୟା ଫନୀର ୧୮ ଦିନ ପରେ ବିପନ୍ନମାନଙ୍କର ସ୍ଥିତି ସୁଧୁରୁନି। କେଉଁଠି ରିଲିଫ୍ ଦେବାରେ ଅଣଦେଖା କରାଯାଇଛି ତ ଆଉ କେଉଁଠି ସର୍ଭେ ରିପୋର୍ଟରେ ବିପନ୍ନଙ୍କ ନାଁ ରହୁନି। ବିପନ୍ନମାନଙ୍କୁ ଅଣଦେଖା ନ କରିବାକୁ ଜିଲାପାଳଙ୍କ ନିର୍ଦ୍ଦେଶ ରହିଥିଲେ ମଧ୍ୟ ତଦନ୍ତକାରୀ ଅଫିସର ବା କର୍ମଚାରୀ କିଛି ନିର୍ଦ୍ଦେଶ ମାନୁନାହାନ୍ତି। ଏଭଳିସ୍ଥଳେ ବିପନ୍ନମାନେ ନିଜର ହକ ପାଇଁ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବାକୁ ବାଧ୍ୟ ହୋଇଛନ୍ତି। ପ୍ରତ୍ୟହ ଜିଲାର ବିଭିନ୍ନସ୍ଥାନରେ ଆନ୍ଦୋଳନ ଚାଲିଛି। ସୋମବାର ଜିଲା ସଦର ମହକୁମାରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସିପିଆଇ(ଏମ୍) ନେତୃତ୍ୱରେ ବାତ୍ୟା ବିପନ୍ନମାନେ ଗଣ ବିକ୍ଷୋଭ କରିଥିଲେ। ସେହିଭଳି ପାନବରଜ ଗାଁର ବିପନ୍ନମାନେ ଅନୁରୂପ ଭାବେ ଖୋର୍ଦ୍ଧା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ସିପିଆଇ(ଏମ୍) ନେତୃତ୍ୱରେ ବିପନ୍ନମାନେ ନୂଆ ବସ୍‌ଷ୍ଟାଣ୍ଡଠାରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟଠାରେ



ତହସିଲ ଅଫିସକୁ ଘେରାଉ କରିଛନ୍ତି ପାନବରଜ ଗ୍ରାମବାସୀ।




ସିପିଆଇ (ଏମ୍) ପକ୍ଷରୁ ଗଣବିକ୍ଷୋଭ।

ଗଣବିକ୍ଷୋଭ କରିଥିଲେ। ଗଣବିକ୍ଷୋଭ ଚାଲୁ ସମୟରେ ଅନୁଷ୍ଠିତ ପ୍ରତିବାଦ ସଭାରେ ସିପିଆଇ(ଏମ୍)ର ବରିଷ୍ଠ ନେତା ଜନାର୍ଦ୍ଦନ ପତି, ରାଜ୍ୟ କୃଷକ ସଭା ସମ୍ପାଦକ ସୁରେଶ ପାଣିଗ୍ରାହୀ, ଜିଲା ସମ୍ପାଦକ ଅନନ୍ତ ମଙ୍ଗରାଜ, ସିଆଇଟିୟୁର ଜିଲା ସମ୍ପାଦକ ଶୈଳେଶ ବଳିଆରସିଂ, ବିଭିନ୍ନ ବ୍ଲକର କୃଷକ ନେତା ଯୋଗଦେଇ ବିପନ୍ନମାନଙ୍କ ସମସ୍ୟା ଉପରେ ଟିପ୍ପଣୀ ରଖିଥିଲେ। ପରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ୮ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରିଥିଲେ। ଜିଲାରେ ଥିବା ଚାଳ ଓ ଆଜବେଷ୍ଟସ ଘର ବଦଳରେ ପ୍ରତ୍ୟେକ ପରିବାରକୁ ଜୁନ ୧୦ ପୂର୍ବରୁ ୧ ବଖରା ବାତ୍ୟା ନିରୋଧକ ଘର ଯୋଗାଇ ଦେବାକୁ ସ୍ମାରକପତ୍ରରେ ରହିଛି। ସେହିଭଳି ରାଶନ କାର୍ଡ ଥିବା ବିପନ୍ନ ପରିବାରକୁ ରାଜ୍ୟ ସରକାରଙ୍କ ଦ୍ୱାରା ଘୋଷିତ ୨ ହଜାର ଟଙ୍କା ବଦଳରେ ପ୍ରତି ପରିବାରକୁ ୧୦ ହଜାର ଟଙ୍କା ପ୍ରଦାନର ବ୍ୟବସ୍ଥା କରାଯାଉ। ଏହି ପ୍ରୋତ୍ସାହନ ରାଶି ରାଶନ କାର୍ଡ ନ ଥିବା ବିପନ୍ନମାନଙ୍କୁ ମଧ୍ୟ ଦିଆଯାଉ। ବିପନ୍ନ ପରିବାରକୁ ୫୦୦ ଟଙ୍କା ବଦଳରେ ୨ ଖଣ୍ଡ ପଲିଥିନ୍, ପ୍ରତି ବିପନ୍ନ ପରିବାରକୁ ୨ ଲିଟର କିରୋସିନ ଓ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ପ୍ରତି ଲୋକଙ୍କୁ କାମ ଦେବାରେ ବ୍ୟବସ୍ଥା କରାଯାଉ। ଅପରପକ୍ଷେ ଅସହାୟ ଲୋକଙ୍କୁ ଚିହ୍ନଟ କରି ସମସ୍ତ ପ୍ରକାରର ସରକାରୀ ସହାୟତା ପ୍ରଦାନ କରାଯାଉ। ରାଜନୈତିକ ବାଛବିଚାର ଊର୍ଦ୍ଧ୍ୱରେ ଜିଲା ପ୍ରଶାସନ ଦାବିଗୁଡିକ ପୂରଣ କରୁ। ତେବେ ସିପିଆଇ(ଏମ୍)ର ଜିଲା କମିଟି ପକ୍ଷରୁ ଏକ ପ୍ରତିନିଧି ମଣ୍ଡଳୀ ଜିଲାର ଖୋର୍ଦ୍ଧା, ଟାଙ୍ଗୀ, ଚିଲିକା, ଜଟଣୀ ବ୍ଲକ ଗସ୍ତ କରି ବିପନ୍ନମାନଙ୍କୁ ଭେଟି ସେମାନଙ୍କର ଅଭାବ ଅସୁବିଧା ବୁଝି ଆସିବା ପରେ ଗଣବିକ୍ଷୋଭର ଆୟୋଜନ କରାଯାଇଥିଲା ବୋଲି କୁହାଯାଇଛି। ଅନ୍ୟପକ୍ଷେ ପାନବରଜର ବିପନ୍ନମାନଙ୍କର ଅଭିଯୋଗ ବାତ୍ୟାର ୧୮ ଦିନ ପରେ ସେମାନଙ୍କୁ ପଲିଥିନ୍ ମିଳିଲା ନାହିଁ। ଆରଆଇ ରିପୋର୍ଟରେ ପାନବରଜ ଗାଁର ୨୨୮ ପରିବାରର ଘର ଭାଙ୍ଗିଛି। ପଞ୍ଚାୟତରେ ୮୦୦ ପଲିଥିନ ଷ୍ଟକରେ ଅଛି। ଅଥଚ ପଲିଥିନ ଦିଆଯାଉନି କି ବଦଳରେ ୫୦୦ ଟଙ୍କା ଦିଆଯାଉନି। ତେବେ କୌଣସି ବିପନ୍ନଙ୍କୁ ପଲିଥିନ ଦେବାକୁ ମନା କରାଯାଉ ନ ଥିଲେ ହେଁ ଦିଆଯାଉନି। ବିପନ୍ନ ପରିବାର ଖରା କାକରରେ ଭଙ୍ଗା ଘରେ ଦୟନୀୟ ଭାବେ ରହୁଛନ୍ତି। ଇତିମଧ୍ୟରେ ରିଲିଫ୍‌ରେ ୫୦ କିଲୋ ଚାଉଳ, ୨ ହଜାର ଟଙ୍କା ବଣ୍ଟନ ୧୪ ତାରିଖରୁ ଶେଷ ହୋଇଛି। ତେବେ କେତେଗୋଟି ରାଶନ କାର୍ଡଧାରୀ ବିପନ୍ନ ୫୦ କିଲୋ ଚାଉଳ, ୨ ହଜାର ଟଙ୍କା ପାଇନାହାନ୍ତି। ଯାହାକି ତଦନ୍ତ କରାଗଲେ ପ୍ରକୃତ ତଥ୍ୟ ଲୋକଲୋଚନକୁ ଆସିବ ବୋଲି ବିପନ୍ନମାନେ ଅଭିଯୋଗ କରିଛନ୍ତି। ଅନିୟମିତତା ସମ୍ପର୍କରେ ତହସିଲଦାରଙ୍କୁ ଅବଗତ କରାଇଛନ୍ତି। ସୁଫଳ ନ ମିଳିଲେ ରାସ୍ତାରୋକୋ ଓ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିବେ ବୋଲି କହିଛନ୍ତି।

## ଗାଡ଼ି ଧକ୍କାରେ ସାନଭାଇ ମୃତ, ବଡ଼ ଗୁରୁତର

ବାଲୁଗାଁ,୨୦।୫(ଡି.ଏନ.ଏ.)

ବାଲୁଗାଁ ଥାନା ଅଧୀନ ସୋଲରୀ ଛକଠାରେ ରବିବାର ରାତ୍ରିରେ ଏକ କାର ସହ ସ୍କୁଟି ଧକ୍କା ହୋଇଛି। ଏଥିରେ ସ୍କୁଟି ଚାଳକ ସାନଭାଇର ମୃତ୍ୟୁ ଘଟିଥିବା ବେଳେ ବଡ଼ଭାଇ ଗୁରୁତର ହୋଇଛନ୍ତି। ମୃତକ ହେଲେ ଟାଙ୍ଗୀ ଥାନା ଝରିଆ ଗ୍ରାମର ରଞ୍ଜନ ପଲାଇ। ରଞ୍ଜନଙ୍କ ବଡ଼ଭାଇ ଚିତ୍ତରଞ୍ଜନ ଦିଲ୍ଲୀରୁ କୌଣସି ଟ୍ରେନ୍ ଯୋଗେ ରବିବାର ଆସି ବାଲୁଗାଁ ଷ୍ଟେଶନରେ ଓହ୍ଲାଇଥିଲେ। ରାତ୍ରି ୧୦ଟାରେ ରଞ୍ଜନ ନିଜ ସ୍କୁଟିରେ ବଡ଼ଭାଇଙ୍କୁ ବସାଇ ଷ୍ଟେଶନରୁ ଗ୍ରାମ ଅଭିମୁଖେ ବାହାରିଥିଲେ। ବାଲୁଗାଁର ଅନତି ଦୂର ସୋଲରୀ ଛକଠାରେ ବିପରୀତ ଦିଗରୁ ଆସୁଥିବା ଏକ କାର ସହ ସେମାନଙ୍କର ଧକ୍କା ହୋଇଥିଲା। ଟଣାସ୍ଥଳରେ ରଞ୍ଜନଙ୍କ ମୃତ୍ୟୁ ଘଟିଥିବା ବେଳେ ଗୁରୁତର ଅବସ୍ଥାରେ ଚିତ୍ତରଞ୍ଜନଙ୍କୁ ଚିକିତ୍ସା ପାଇଁ ବାଲୁଗାଁ ଡାକ୍ତରଖାନା ଅଣାଯାଇଥିଲା। ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ପୋଲିସ ପହଞ୍ଚି ଗାଡ଼ି ଦୁଇଟିକୁ ଜବତ କରିବା ସହ କାର ଡ୍ରାଇଭରଙ୍କୁ ଗିରଫ କରିଥିଲା। ସୋମବାର ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି।

## ସଂକ୍ଷେପରେ

### ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

ଟାଙ୍ଗୀ(ଖୋର୍ଦ୍ଧା),୨୦।୫ (ଡି.ଏନ.ଏ.) ରାତିରେ ଶୋଇଥିବା ଅବସ୍ଥାରେ ସାପ କାମୁଡ଼ାରେ ଖୋର୍ଦ୍ଧା ଜିଲା ମଙ୍ଗଳାଯୋଡ଼ି ଦେଉଳ ସାହିର ଜଣେ ମହିଳାଙ୍କ ରବିବାର ମୃତ୍ୟୁ ଘଟିଛି। ଏହି ମହିଳାଙ୍କ ନାମ ଶାନ୍ତି ବେହେରା (୫୨)। ଗୁରୁତର ଅବସ୍ଥାରେ ତାଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଟାଙ୍ଗୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଖୋର୍ଦ୍ଧା ଡାକ୍ତରଖାନା ପଠାଇଥିବା ସୂଚନା ମିଳିଛି। ଫନୀ ପରେ ଏଠାରେ ଅଧିକ ସଂଖ୍ୟାରେ ବିଷାକ୍ତ ସର୍ପ ଘୂରି ବୁଲୁଥିବାରୁ ଲୋକେ ସତର୍କ ରହିବା ଆବଶ୍ୟକ ବୋଲି ସାଧାରଣରେ ପ୍ରକାଶ ପାଇଛି।

### ଯୁବକଙ୍କ ଆତ୍ମହତ୍ୟା

ବାଲୁଗାଁ,୨୦।୫(ଡି.ଏନ.ଏ.): ବାଲୁଗାଁ ଥାନା ଅନ୍ତର୍ଗତ ଲମ୍ବୋଦରପୁର ଗ୍ରାମର ସୁଶାନ୍ତ ରାଉତରାୟ ନାମକ ଯୁବକ ରବିବାର ସନ୍ଧ୍ୟାରେ ଗ୍ରାମ ନିକଟ ପାହାଡ଼ ପାଦଦେଶରେ ଥିବା ଏକ ଗଛରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟାର କାରଣ ଜଣାପଡ଼ି ନ ଥିଲେ ହେଁ ପାରିବାରିକ ବିଶୃଙ୍ଖଳା ନେଇ ମାନସିକ ଭାରସାମ୍ୟ ହରାଇ ସୁଶାନ୍ତ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପୋଲିସର ପ୍ରାଥମିକ ତଦନ୍ତରୁ ଜଣାଯାଇଛି। ବାଲୁଗାଁ ପୋଲିସ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପଠାଇ ସୋମବାର ଏ ସଂକ୍ରାନ୍ତରେ ୪/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

### ଅଂଶୁଘାତରେ ବୃଦ୍ଧଙ୍କ ମୃତ୍ୟୁ ଅଭିଯୋଗ

**ଟାଙ୍ଗୀ(ଖୋର୍ଦ୍ଧା),୨୦।୫(ଡି.ଏନ.ଏ.):** ଟାଙ୍ଗୀ ବ୍ଲକ ଅନ୍ତର୍ଗତ ବାଲିପାଟପୁର କଲୋନୀରେ ସୋମବାର ଜଣେ ବୃଦ୍ଧଙ୍କ ଅଂଶୁଘାତରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ସେ ହେଉଛନ୍ତି ଭାଷାରାମ ହାଲଦାର(୬୫)। ଫନୀରେ ନଷ୍ଟ ହୋଇ ଯାଇଥିବା ତାଙ୍କ ବାସଗୃହ ଛପର ଉପରକୁ ଯାଇ ଭାଷାରାମ ନଡ଼ିଆ ବାହୁଙ୍ଗ ପକାଉଥିଲେ। ତେବେ ପ୍ରବଳ ରୌଦ୍ରତାପ ଯୋଗୁ ସେ ଅସୁସ୍ଥ ହୋଇ ତଳେ ପଡିଯାଇଥିଲେ। ତାଙ୍କୁ ଭୁବନେଶ୍ୱରସ୍ଥିତ ୬ ନଂ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ପାନୀୟଜଳ ଅନୁପଯୁକ୍ତ, ୪ କୂପ ଚିହ୍ନଟ

**ଖୋର୍ଦ୍ଧା ଅଫିସ,୨୦।୫:** ଫନୀ ବାତ୍ୟା ପରେ ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକ ଅଙ୍ଗାରପଡା ପଞ୍ଚାୟତ ପଲାସପୁର ଗାଁରେ ୪ଟି କୂପର ଜଳ ପାନୀୟ ଅନୁପଯୁକ୍ତ ଚିହ୍ନଟ ହେବା ପରେ ନାଲି ଫିତା ପତାକା ଲଗାଯାଇଛି। ଏଥିରୁ ୨ଟି ସରକାରୀ ଓ ଦୁଇଟି ବେସରକାରୀ ବୋଲି ଜଣାପଡିଛି। ଉକ୍ତ କୂପଗୁଡିକର ଜଳ ବ୍ୟବହାର ନ କରିବାକୁ ଲୋକଙ୍କୁ ସଚେତନତା କରାଯାଇଛି। ଅନ୍ୟପକ୍ଷେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏଠାର ୮୦ଟି କୂପରେ ବ୍ଲିଚିଂ ପକାଯାଇ ବିଶୋଧାନ କରାଯାଇଛି।

### ଡେଙ୍ଗୁ ରୋଗ ନିରାକରଣ ଲାଗି ବୈଠକ

**ଖୋର୍ଦ୍ଧା ଅଫିସ,୨୦।୫:** ଡେଙ୍ଗୁ ରୋଗର ନିରାକରଣ ଉଦ୍ଦେଶ୍ୟରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସୋମବାର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଭୂପିନ୍ଦର ସିଂ ପୁନିଆ ଅଧ୍ୟକ୍ଷତା କରି କହିଥିଲେ ଏଡିସ୍ ମଶାର ବଂଶ ବିସ୍ତାରକୁ ହ୍ରାସ କରିବାକୁ ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ଉଦ୍ୟମ କରାଯିବା ଦରକାର। ଅନ୍ୟପକ୍ଷେ ମଶା ବିସ୍ତାର କରୁଥିବା ସ୍ଥାନଗୁଡିକ ଚିହ୍ନଟ କରି ତା'ର ପ୍ରତିକାର ପାଇଁ ସାଧାରଣରେ ସଚେତନତା ସୃଷ୍ଟି କରିବାକୁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ସହରାଞ୍ଚଳରେ ଡେଙ୍ଗୁର ପ୍ରାଦୁର୍ଭାବ ଅଧିକ ଥିବାରୁ ଘରକୁ ଘର ବୁଲି ସଚେତନ କରିବାକୁ ପରାମର୍ଶ ଦେଇଥିଲେ। ଏଥିରେ ସିଡିଏମ୍‌ଓ ବିଜୟ କୁମାର ମହାପାତ୍ର, ଜିଲା କାର୍ଯ୍ୟକ୍ରମ ପରିଚାଳକ ପ୍ରଦ୍ୟୁମ୍ନ କୁମାର ମିଶ୍ର ପ୍ରମୁଖ ଡେଙ୍ଗୁ ରୋଗ ଉପରେ ଟିପ୍ପଣୀ ଦେଇଥିଲେ।

### ସଂପୁରରେ ଅଖଣ୍ଡ ହନୁମାନ ଚାଳିଶା ଉଦ୍‌ଯାପିତ

**ବୋଲଗଡ଼,୨୦।୫(ଡି.ଏନ.ଏ.):** ବୋଲଗଡ଼ ବ୍ଲକ ସଂପୁରସ୍ଥିତ ମହାବୀର ମନ୍ଦିର ପରିସରରେ ଅଖଣ୍ଡ ହନୁମାନ ଚାଳିଶା କାର୍ଯ୍ୟକ୍ରମ ସୋମବାର ଉଦ୍‌ଯାପିତ ହୋଇଯାଇଛି। ବଜରଙ୍ଗବାଲୀ ଯୁବ ସଂସଦ ଏବଂ ସ୍ଥାନୀୟ ଗ୍ରାମବାସୀଙ୍କ ପକ୍ଷରୁ ଏହି କାର୍ଯ୍ୟକ୍ରମ ଶନିବାରଠାରୁ ୩ ଦିନ ଧରି ଅନୁଷ୍ଠିତ ହୋଇଥିଲା। ଶନିବାର ଅଧିବାସ ଓ କଳସ ସ୍ଥାପନ, ରବିବାର ସୂର୍ଯ୍ୟପୂଜା ଓ ଅଖଣ୍ଡ ହନୁମାନ ଚାଳିଶା ପାଠ ସହ ଅଗ୍ନି ସ୍ଥାପନ ଓ ଆହୁତି ପ୍ରଦାନ କରାଯାଇଥିଲା।

## କ୍ଷତିଗ୍ରସ୍ତ ଅଞ୍ଚଳକୁ ସ୍ୱାସ୍ଥ୍ୟବିଭାଗର ପରିଦର୍ଶନ

ଯାଁଳା,୨୦।୫(ଡି.ଏନ୍.ଏ.)

ସାମୁଦ୍ରିକ ଝଡ଼ ଫନୀ ପ୍ରଭାବରେ ଯାଁଳା ଅଞ୍ଚଳରେ ଅଧିକ କ୍ଷୟକ୍ଷତି ହୋଇଛି। ବାତ୍ୟା ଯୋଗୁ ବିଭିନ୍ନ ପ୍ରକାରର ରୋଗ ବ୍ୟାପିବା ନେଇ ଏହାର ନିରାକରଣ ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ(ଡବ୍ଲୁଏଚ୍‌ଓ)ର ଅଧିକାରୀମାନେ ଯାଁଳା ଅଞ୍ଚଳକୁ ପରିଦର୍ଶନ କରିବାପରେ ଜଟଣୀ ଓ ଯାଁଳା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତତ୍ପରତା ଦେଖାଦେଇଛି। ସୂଚନାଯୋଗ୍ୟ, ବାତ୍ୟାରେ ଆହତ ତଥା ରୋଗ ଆଶଙ୍କା ନେଇ ବାତ୍ୟା ଦିନଠାରୁ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ, ଅଙ୍ଗନୱାଡି କର୍ମୀ ଓ ଆଶା କର୍ମୀମାନେ ଘରଘର ବୁଲି କ୍ଲୋରିନ୍ ବଟିକା ବାଣ୍ଟିବା ସହ କୂଅଗୁଡିକରେ ବ୍ଲିଚିଂ ପକାଇ ଜଳକୁ ବିଶୁଦ୍ଧ କରାଯାଉଛି। ଯାଁଳା ପଞ୍ଚାୟତରେ ମୋଟ ୪୪୯ଟି କୂଅର ଜଳ ପରୀକ୍ଷା କରାଯାଇଛି।



ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ କର୍ମଚାରୀମାନେ।

ପରିଦର୍ଶନ ପାଇଁ ଅନ୍ୟ ଜିଲାରୁ ଆସିଥିବା ସ୍ୱାସ୍ଥ୍ୟ ବିଭାଗର ଭଲ୍ୟୁଣ୍ଟିୟରଙ୍କ ସହ ଜଟଣୀ ସୁପରଭାଇଜର ଲକ୍ଷ୍ମୀକାନ୍ତ ଦାଶ, ଯାଁଳା ପଞ୍ଚାୟତର ମହିଳା ସ୍ୱାସ୍ଥ୍ୟ କର୍ମୀ ଲକ୍ଷ୍ମୀପ୍ରିୟା ପରିଡ଼ା, ଅଙ୍ଗନୱାଡୀ କର୍ମୀ କଳ୍ପନା ଦାଶ ଓ ଆଶା କର୍ମୀ ବାସନ୍ତି ମହାନ୍ତି ପ୍ରତି ଘରକୁ ଔଷଧ ଦେବା ସହ ଲୋକଙ୍କୁ ସଚେତନ କରାଇଥିଲେ।

## କାଶୀପୁରରେ ରାମଲୀଳା ଶିବଧନୁ ଭଗ୍ନ, ସୀତା ବିବାହ

ନିରାକାରପୁର,୨୦।୫(ଡି.ଏନ.ଏ.)

ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତସ୍ଥ କାଶୀପୁର ବଡପାଟଣାଠାରେ ଦୀର୍ଘ ବର୍ଷ ହେଲା ରାମଲୀଳା ଅନୁଷ୍ଠିତ ହେଉଛି। ସୋମବାର ଶିବଧନୁ ଭଗ୍ନ ଓ ସୀତା ବିବାହ ଉତ୍ସବ ହୋଇଥିଲା। ବହୁ ଶ୍ରଦ୍ଧାଳୁ, ଗ୍ରାମବାସୀ ଏହି ଉତ୍ସବରେ ଯୋଗଦେଇ ବନ୍ଦାପନା କରିଥିଲେ। ରଙ୍ଗିନ ଅଲୋକର ସାଜସଜା, ବାଣ ଓ ରୋଷଣିରେ ପୂରି ଉଠିଥିଲା ଉତ୍ସବ ସ୍ଥଳ। ବିବାହ କାର୍ଯ୍ୟକ୍ରମ ପ୍ରଭୁ ରଘୁନାଥ ଦେବଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିଲା। ମାନସିକଧାରୀ ଶ୍ରଦ୍ଧାଳୁମାନେ ମା' ସୀତା ଓ ପ୍ରଭୁ ଶ୍ରୀରାମଙ୍କୁ ପୂଜାର୍ଚ୍ଚନା ଓ ବନ୍ଦାପନା କରିଥିଲେ। ରାକେଶ ପରିଡ଼ା, ଶ୍ରୀକାନ୍ତ ନାୟକ, କୈଳାସ ଦଳେଇ, ଅଗ୍ରଜ ପ୍ରଧାନ, ମୁନା ରାଉତରାୟ, ମିଟୁ ପ୍ରଧାନ, ବିଦ୍ୟାସାଗର ପ୍ରଧାନ ଓ ବିକ୍ରମ ଦଳେଇ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଶ୍ରୀରାମଲୀଳା ଉଦ୍‌ଯାପିତ

# କଳାକାରମାନେ ନିଷ୍ଠାରେ ରହି କରନ୍ତି ଅଭିନୟ

ଟାଙ୍ଗୀ(ଖୋର୍ଦ୍ଧା),୨୦।୫(ଡି.ଏନ.ଏ.)

ସମାଜରେ ଆଧ୍ୟାତ୍ମିକତା, ନୈତିକତା ଓ ସତ୍ୟନିଷ୍ଠାକୁ ଉଜ୍ଜୀବିତ କରିବା ଲକ୍ଷ୍ୟରେ ଆୟୋଜିତ ହେଉଛି ବିଭିନ୍ନ ପୌରାଣିକ କଥାବସ୍ତୁକୁ ନେଇ ନାଟକ। ଏହି ପରିପ୍ରେକ୍ଷୀରେ ଟାଙ୍ଗୀ ମୁକ୍ତାକାଶ ରଙ୍ଗମଞ୍ଚରେ ସଦାଶିବ ଭଣତି ଶ୍ରୀରାମଲୀଳା ମଞ୍ଚ ନାଟକ ରବିବାର ଉଦ୍‌ଯାପିତ ହୋଇଯାଇଛି। ଶ୍ରୀରାମ ନବମୀଠାରୁ ନାଟକରେ ଅଭିନୟ କରିଥିବା କଳାକାରମାନେ ନିଷ୍ଠାର ସହ ସାତ୍ତ୍ୱିକ ଭୋଜନ କରି ସାରାରାତି ଉଜାଗର ରହିଥିଲେ। ଶିବଧନୁ ଭଙ୍ଗ, ସୀତା ବିବାହ, ପିତୃସତ୍ୟ ପାଳି ରାମ ବନବାସ, ସୀତା ହରଣ, ସୁଗ୍ରୀବଙ୍କ ସହ ମିତ୍ରତା, ବାଳିବଧ, ସୀତାଠାବ, ଲଙ୍କାପୋଡି, ସେତୁବନ୍ଧ ପ୍ରତିଷ୍ଠା, କୁମ୍ଭକର୍ଣ୍ଣ, ଇନ୍ଦ୍ରଜିତ, ତରଣୀସେନ, ମହିରାବଣ ଓ ଶେଷରେ ରାବଣ ଆଦିଙ୍କ ବଧ ପରେ ରାମାଭିଷେକ ଅନୁଷ୍ଠିତ ହୋଇଥିଲା। ବିଭୁପଦ ରାଉତ, ଦୀପକ ରାଉତ, ସଞ୍ଜୀୟ ତରାଇ, ଅଜୟ କୁମାର ନାୟକ, ଉଦୟନାଥ ବାହୁବଳେନ୍ଦ୍ର, ଚନ୍ଦନ ରାଉତ, ଲିପୁନି ନାୟକ, ଚନ୍ଦନ ଜେନା, ଗୁନା ରାଉତ ଓ ପୂର୍ବତନ ଫୁଟ୍‌ବଲ୍ ଖେଳାଳି ବାଳକୃଷ୍ଣ ମିଶ୍ର(ରାବଣ)ଭୂମିକାରେ ଅଭିନୟ କରିଥିଲେ। ଗାୟକ ଭାବେ ପ୍ରଫୁଲ୍ଲ ରାଉତ ଓ ଫେଲୁ ରାଉତ ଯୋଗ ଦେଇଥିଲେ। ରାମଲୀଳା ଦେଖିବା ପାଇଁ ସହସ୍ରାଧିକ ଦର୍ଶକଙ୍କ ସମାଗମ ହୋଇଥିଲା।



ରାମଲୀଳା ନାଟକରେ ଅଭିନୟ କରୁଛନ୍ତି କଳାକାର।

## ସର୍ଭେରେ ବାଦ୍ ପଡୁଛନ୍ତି ବିପନ୍ନ

ଖୋର୍ଦ୍ଧା ଅଫିସ,୨୦।୫

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ବୋତଲମା, ହୀରାପୁର, ହଜ, ସିକୋ, ଶଗଡଭଙ୍ଗା, ଗଡମାଣତ୍ରୀ, ଗୋବିନ୍ଦପୁର ଓ ଦେଉଳି ଆଦି ୮ଟି ପଞ୍ଚାୟତରେ ବାତ୍ୟା ଫନୀ ବ୍ୟାପକ କ୍ଷୟକ୍ଷତି କରିଥିଲା। ଏଠାରେ ବହୁ ଘର ଭାଙ୍ଗିଥିବାବେଳେ ଚାଳ, ଟାଇଲ ଓ ଆଜବେଷ୍ଟସ ଛପର ଉଡିଯାଇଛି। ସେହିପରି ବହୁ କୁକୁଡାଙ୍କ ମୃତ୍ୟୁ ହୋଇଛି। ତେବେ ଘରଭଙ୍ଗା ସର୍ଭେ ନେଇ ସ୍ଥାନୀୟ ଅଧିକାଂଶ ବିପନ୍ନ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଆରଆଇ ଠିକ୍‌ରେ ସର୍ଭେ କରୁ ନ ଥିବାରୁ ବହୁ ବିପନ୍ନ ବାଦ୍ ପଡିଥିବାର ଅଭିଯୋଗ ଉଠିଲାଣି। ବିପନ୍ନମାନଙ୍କୁ ତଦନ୍ତ ରିପୋର୍ଟରେ ସାମିଲ କରା ନ ଗଲେ ବିକ୍ଷୋଭ କରିବେ ବୋଲି ଚେତାବନୀ ଦେଇଛନ୍ତି।



ବାତ୍ୟାରେ ଭାଙ୍ଗିଯାଇଥିବା ଘର।

## ଶ୍ରୀରାମଚରିତ ମାନସ ପ୍ରବଚନ

ଟାଙ୍ଗୀ(ଖୋର୍ଦ୍ଧା),୨୦।୫ (ଡି.ଏନ.ଏ.)

ଟାଙ୍ଗୀର ଅଗ୍ରଣୀ ଆଧ୍ୟାତ୍ମିକ ଅନୁଷ୍ଠାନ ଗୀତାଭବନ ଆନୁକୂଲ୍ୟରେ ଶ୍ରୀରଘୁନାଥ ଦେବଙ୍କ ମନ୍ଦିର ପରିସରରେ ୯ଦିନ ବ୍ୟାପୀ ୩୦ତମ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ଅନୁଷ୍ଠିତ ହୋଇଛି। ୨୦ ରୁ ୨୮ ତାରିଖ ପର୍ଯ୍ୟନ୍ତ ବ୍ୟାସ ସୂର୍ଯ୍ୟନାରାୟଣ ଦାସଜୀ ମହାରାଜ ଓ ପୂଜକ ମୃତ୍ୟୁଞ୍ଜୟ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ପ୍ରତି ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ ହେବ। ପଣ୍ଡିତ ସାରଙ୍ଗଧର ଦାସ, ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ପ୍ରଶାନ୍ତ କୁମାର ଚାନ୍ଦ ଓ ପ୍ରତାପ କିଶୋର ନନ୍ଦ ପ୍ରମୁଖ ପ୍ରବଚକ ରୂପେ ଯୋଗଦେବେ ବୋଲି ଅନୁଷ୍ଠାନର କର୍ମକର୍ତ୍ତାଙ୍କ ସୂତ୍ରରୁ ପ୍ରକାଶ।

■ ଟ୍ରେନ ଲାଇନ୍ ତାରରେ କେବୁଲ ତାର ଲାଗି ବିସ୍ଫୋରଣ

# ଭୟରେ ଦୌଡ଼ିଲେ ବସ୍ତିବାସିନ୍ଦା

ଭୁବନେଶ୍ୱର,୨୦।୫(ବ୍ୟୁରୋ)

ରସୁଲଗଡ଼ ଜାତୀୟ ରାଜପଥର ଫ୍ଲାଏ ଓଭରବ୍ରିଜ ତଳେ ସୋମବାର ରାତିରେ ଟ୍ରେନ ଲାଇନ ବିଦ୍ୟୁତ ତାର ସଂସ୍ପର୍ଶରେ ବିଭିନ୍ନ କେବୁଲ ତାର ଆସି ନିଆଁ ଜଳିବା ସହ ବିସ୍ଫୋରଣ ହୋଇଥିଲା। ଫଳରେ ନିକଟସ୍ଥ ବସ୍ତିବାସିନ୍ଦା ଭୟଭୀତ ହୋଇ ଦୌଡ଼ିଥିଲେ। ରେଲୱେ ବିଦ୍ୟୁତ କର୍ମଚାରୀ ପହଞ୍ଚି ମରାମତି କାର୍ଯ୍ୟ କରିଥିଲେ। ଏଥିପାଇଁ ପ୍ରାୟ ଦେଢଘଣ୍ଟା ସମୟ ଲାଗିଥିଲା। ଏହାପରେ ଟ୍ରେନ ଚଳାଚଳ ସ୍ୱାଭାବିକ ହୋଇଥିଲା।

ବାତ୍ୟା 'ଫନୀ' ପ୍ରଭାବରେ ଅନେକ ଇଣ୍ଟରନେଟ ଓ ବିଭିନ୍ନ କେବୁଲ ତାର ଛିଡ଼ି ରସୁଲଗଡ଼ ଫ୍ଲାଏ ଓଭରବ୍ରିଜ ତଳେ ଝୁଲି ରହିଥିଲା। ରାତି ପ୍ରାୟ ୮ଟାରେ ଓଭରବ୍ରିଜ କଡ଼ରେ ଯାଇଥିବା ତାର ଛିଡ଼ି ଟ୍ରେନ ଲାଇନର ୨୫ ହଜାର କେଭି ତାର ଉପରେ ପଡ଼ିବାରୁ ଜଳିବା ଆରମ୍ଭ କରିଥିଲା। ମଞ୍ଚେଶ୍ୱର ପଟୁ ମାଲଗାଡ଼ି ଅତିକ୍ରମ କରିବାବେଳେ କେବୁଲଗୁଡିକ ଜଳି ପ୍ରଚଣ୍ଡ ଶବ୍ଦ ହୋଇଥିଲା। କିଛି ସମୟ ପରେ ଏକ ଯାତ୍ରୀବାହୀ ଟ୍ରେନ ବାଣୀବିହାର ପଟୁ ବିପଦସଙ୍କୁଳ ଅବସ୍ଥାରେ ପାର ହେବା ବେଳେ ମଧ୍ୟ ପ୍ରଚଣ୍ଡ ମାତ୍ରାରେ ନିଆଁ ଜଳି କେବୁଲ ଫୁଟିଥିଲା। ତେବେ ଟ୍ରେନଟି ସୁରକ୍ଷିତ ଅବସ୍ଥାରେ ଅଟକି ଯାଇଥିଲା। ଓଭରବ୍ରିଜ ଉପରେ ହଠାତ ନିଆଁ ଜଳୁଥିବା ଦେଖି ଏକ ଟ୍ରକ ଛାନିଆରେ ଫୁଟ୍‌ପାଥ୍‌କୁ ଧକ୍କା ଦେଇଥିଲା। ଏଥିଯୋଗୁ କିଛି ସମୟ ପାଇଁ ଓଭରବ୍ରିଜ ଉପରେ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା। ଶହୀଦନଗର ଏବଂ ମଞ୍ଚେଶ୍ୱର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରାଫିକ ବ୍ୟବସ୍ଥା ନିୟନ୍ତ୍ରଣ କରିଥିଲେ। ସେହିପରି ରେଲୱେ ବିଦ୍ୟୁତ କର୍ମଚାରୀ ପହଞ୍ଚି ମରାମତି କରିବା ପରେ ଟ୍ରେନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଜଣେ ରେଲୱେ କର୍ମଚାରୀ କହିଛନ୍ତି, ୨୫ହଜାର ଭୋଲ୍ଟ ବିଦ୍ୟୁତ ପ୍ରଭାହିତ ହେଉଥିବାରୁ ଏହା ସଂସ୍ପର୍ଶରେ ଆସିବା ମାତ୍ରେ ଜଳିଯିବା ସ୍ୱାଭାବିକ।

## ଅସରଳାରେ ଶ୍ରୀରାମଚରିତ ମାନସ ଶୁଭାରମ୍ଭ

ବୋଲଗଡ଼,୨୦।୫(ଡି.ଏନ.ଏ.)

ବୋଲଗଡ଼ ବ୍ଲକ ଅସରଳା ଗ୍ରାମରେ ସୋମବାର ୨୧ତମ ବାର୍ଷିକ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଓ ଜ୍ଞାନଯଜ୍ଞ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ସନ୍ଥ ତୁଳସୀ ଦାସଙ୍କ ରଚିତ ରାମଚରିତ ମାନସ ପ୍ରବଚନ ନିମନ୍ତେ ପ୍ରତି ସନ୍ଧ୍ୟାରେ ପଣ୍ଡିତ ପ୍ରବଚକମାନେ ଯୋଗଦେବେ। ଚଳିତ ମାସ ୨୯ ତାରିଖରେ ଏହି ଜ୍ଞାନଯଜ୍ଞର ପୂର୍ଣ୍ଣାହୁତି ହେବ। ଏହି ଅବସରରେ ଶ୍ରଦ୍ଧାଳୁମାନେ କଳସ ଯାତ୍ରାରେ ଜଳକୁମ୍ଭ ଆଣି ପାରାୟଣ ସ୍ଥଳରେ ସ୍ଥାପନ କରିଛନ୍ତି। ପ୍ରତ୍ୟହ ସକାଳ ୬ଟାରୁ ସୂର୍ଯ୍ୟପୂଜା ଓ ଗୋପୂଜା, ପୂର୍ବାହ୍ନ ୯ଟାରୁ ୧୨ ପର୍ଯ୍ୟନ୍ତ ପାରାୟଣ ଏବଂ ରାତି ୮ଟାରୁ ୧୧ଟା ପର୍ଯ୍ୟନ୍ତ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। କାର୍ଯ୍ୟକ୍ରମରେ ପଣ୍ଡିତ କୈଳାସ ଚନ୍ଦ୍ର କର ବ୍ୟାସ ଆସନ ଅଧିଷ୍ଠିତ ଥିବାବେଳେ ରମେଶ ଚନ୍ଦ୍ର କର ପରିଚାଳନା କରୁଛନ୍ତି।



କଳସ ଯାତ୍ରା ପାଇଁ ପ୍ରସ୍ତୁତ ହେଉଛନ୍ତି ଶ୍ରଦ୍ଧାଳୁ।

■ ଭୋଟ୍ ଗଣତି ପାଇଁ କମିଶନରେଟ ପୋଲିସର ସୁରକ୍ଷା ବ୍ୟବସ୍ଥା

# ଟ୍ୱିନ୍ ସିଟିରେ ମୁତୟନ ହେବେ ୩୨ ପ୍ଲାଟୁନ ଫୋର୍ସ

ଭୁବନେଶ୍ୱର, ୨୦।୫(ବ୍ୟୁରୋ)

ଗୁରୁବାର ଭୋଟ ଗଣତି। ଏହାକୁ ନେଇ ଏବେ ଉତ୍କଣ୍ଠା ବଢ଼ିବାରେ ଲାଗିଛି। ତେବେ ଉକ୍ତ ଦିନ କମିଶନରେଟ ପୋଲିସ୍ ପକ୍ଷରୁ ଟ୍ୱିନ୍ ସିଟିରେ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଭୁବନେଶ୍ୱରରେ ୨୦ ପ୍ଲାଟୁନ୍ ଓ କଟକରେ ୧୨ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ହେବ। ଭୁବନେଶ୍ୱରରେ ବିଜେବି କଲେଜ, କଟକରେ ବୋଷ ଇଞ୍ଜିନିୟରିଂ କଲେଜ ଓ ସେଣ୍ଟ୍ରାଲ ସ୍କୁଲରେ ଭୋଟ ଗଣତି ହେବ। ଏହି ଦୁଇଟି ସ୍ଥାନରେ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ହୋଇଛି। ସେହିଭଳି ଭୋଟ ଗଣତି ଶେଷ ପର୍ଯ୍ୟନ୍ତ ଦଳୀୟ ଏଜେଣ୍ଟମାନଙ୍କୁ ଛାଡ଼ି ଅନ୍ୟକାହାକୁ ଗଣତି କେନ୍ଦ୍ର ମଧ୍ୟକୁ ଛଡାଯିବ ନାହିଁ। ବରିଷ୍ଠ ପୋଲିସ ଅଧିକାରୀମାନେ କଣ୍ଟ୍ରୋଲ ରୁମ୍‌ରେ ରହି ପ୍ରତିଟି ସିସିଟିଭି ଫୁଟେଜର ଅନୁଧ୍ୟାନ କରିବେ। ତ୍ରୁଟି ଦେଖାଦେଲେ ତୁରନ୍ତ ଜଣାଇବାକୁ ପୋଲିସ କମିଶନର ସତ୍ୟଜିତ ମହନ୍ତି ନିର୍ଦ୍ଦେଶ ଦେଇଛନ୍ତି। କମିଶନରେଟ ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ବୈଠକରେ କମିଶନର ମହାନ୍ତି ଏ ସଂକ୍ରାନ୍ତରେ ସୂଚନା ଦେଇ କହିଛନ୍ତି, ଭୋଟ ଗଣତି କେନ୍ଦ୍ର ନିକଟ ରାସ୍ତାରେ ଭିଡ ହେବା ଆଶଙ୍କା କରାଯାଉଛି। ଭିଡ ନିୟନ୍ତ୍ରଣ ପାଇଁ ମଧ୍ୟ ସେଠାରେ ଟ୍ରାଫିକ୍ ପୋଲିସ ନିୟୋଜିତ କରାଯିବ। ନିର୍ବାଚନ ଫଳ ପ୍ରକାଶ ପାଇବା ପରେ କୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ପୋଲିସ ପୂରା ପ୍ରସ୍ତୁତ ରହିଛି। ପ୍ରମୁଖ ରାଜନୈତିକ ଦଳର କାର୍ଯ୍ୟାଳୟ ଓ ରାଜନେତାଙ୍କ ଘରକୁ ସ୍ୱତନ୍ତ୍ର ସୁରକ୍ଷା ଦେବାକୁ ବ୍ୟବସ୍ଥା ହୋଇଛି। ଏହାସହ ରାତିରେ ଅସାମାଜିକ କାର୍ଯ୍ୟାକଳାପ ବଢ଼ିବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ଟ୍ୱିନ୍‌ସିଟିରେ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରାଯିବ। ଏହାସହ ବିଳମ୍ବିତ ରାତିରେ ବ୍ଲକିଂ ଓ ଚେକିଂ କରାଯିବାକୁ କମିଶନର ନିର୍ଦ୍ଦେଶ ଦେଇଛନ୍ତି।

## ତ୍ରୟ ମାସିକ ଅପରାଧ ନିୟନ୍ତ୍ରଣ ବୈଠକ

### 'ଓଭରବ୍ରିଜ୍‌ରୁ ଲୁଟ୍ କରୁଥିବା ଗ୍ୟାଙ୍ଗ୍‌କୁ ଧର'

କମିଶନ୍‌ରେଟ ପୋଲିସ ମୁଖ୍ୟାଳୟରେ ତ୍ରୟ ମାସିକ ଅପରାଧ ନିୟନ୍ତ୍ରଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଭରବ୍ରିଜ ଉପରେ ବାରମ୍ବାର ଲୁଟ୍ ଘଟଣା ଫୋକସରେ ରହିଥିଲା। ତୁରନ୍ତ ଲୁଟେରା ଗ୍ୟାଙ୍ଗ୍‌କୁ ଧରିବାକୁ ପୋଲିସ କମିଶନର ସତ୍ୟଜିତ ମହାନ୍ତି ସ୍ଥାନୀୟ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଥାନାଗୁଡିକରେ ପଡି ରହିଥିବା ହତ୍ୟା, ଲୁଟ୍, ବଳାତ୍କାର, ଚୋରି ଆଦି ମାମଲାଗୁଡିକର ତଦନ୍ତ ତୁରନ୍ତ ଶେଷ କରିବା ପାଇଁ କୁହାଯାଇଛି। ସେହିଭଳି ଅନୁସୂଚିତ ଜାତି ଏବଂ ଜନଜାତି ମାମଲାଗୁଡିକ ଉପରେ ଗୁରୁତ୍ୱ ଦେବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଥାନାକୁ ଅଭିଯୋଗ କରିବାକୁ ଆସୁଥିବା ଲୋକଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ ସହ ଥାନାରେ ପାନୀୟ ଜଳର ବ୍ୟବସ୍ଥା କରିବା ଓ ପ୍ରତୀକ୍ଷା ରୁମ୍‌ରେ ଫ୍ୟାନ ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଇଛି। ଏହାସହ ଯେଉଁ ଅପରାଧୀମାନେ ଜେଲରୁ ଜାମିନ୍ ପାଇଁ ଫେରୁଛନ୍ତି ସେମାନଙ୍କ ଉପରେ କଡା ନଜର ରଖିବା ସହ ଯେଉଁମାନେ ପୁଣି ଅପରାଧ ଘଟାଉଛନ୍ତି ସେମାନଙ୍କୁ ତୁରନ୍ତ ଗିରଫ କରିବାକୁ କମିଶନର ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଭୁବନେଶ୍ୱର ଡିସିପି ଅନୁପ କୁମାର ସାହୁ,କଟକ ଡିସିପି ଅଖିଳେଶ୍ୱର ସିଂ, ଟ୍ୱିନ୍ ସିଟିର ଜୋନ୍ ଏସିପି ଓ ଥାନା ଅଧିକାରୀ ଯୋଗ ଦେଇଥିଲେ।



ଭଗବାନଙ୍କ ନାମ ଜପିଲେ ମିଣଷର ଦେହ,
ମନ ସବୁ ଶୁଦ୍ଧ ହୋଇଯାଏ ।
-ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ରିଲିଫଂକୁ ନେଇ ଜିଲାପାଳଙ୍କୁ ସ୍ମାରକପତ୍ର

ପୁରୀ ଅଫିସ,୨୦।୫: ବାତ୍ୟା କ୍ଷତିଗ୍ରସ୍ତଙ୍କୁ ସରକାରଙ୍କ ପକ୍ଷରୁ ରିଲିଫ୍ ଯୋଗାଇ ଦିଆଯାଉଛି। କିନ୍ତୁ କେତେକ ସ୍ଥାନରେ ରିଲିଫ ଠିକ୍ ଭାବେ ବଣ୍ଟନ ହେଉନାହିଁ ବୋଲି ଅଭିଯୋଗ ହେଉଛି। ଏ ନେଇ ପ୍ରତିଦିନ ଜିଲାପାଳଙ୍କ ନିକଟରେ ଅଭିଯୋଗ ପହଞ୍ଚୁଛି। ସୋମବାର ଚନ୍ଦନପୁର ଗଡ଼ିସାହିର ଜଟାଧାରୀ ମହାପାତ୍ର ଏବଂ ଜୀବନ ମହାପାତ୍ର ଏହିଭଳି ଅଭିଯୋଗ ଆଣି ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସେମାନେ ସ୍ମାରକପତ୍ରରେ ଦର୍ଶାଇଛନ୍ତି ଯେ, ରନ୍ଧାଖାଦ୍ୟ ଦିଆ ନ ଯାଇ ପ୍ରତି ଘରକୁ ୬କିଲୋ ଲେଖାଏ ଚାଉଳ ପ୍ରଦାନ କରାଯାଇଛି। ପ୍ରଥମ କିସ୍ତିରେ ପଲିଥିନ ଦିଆଯାଇଥିଲା। ଦ୍ୱିତୀୟ କିସ୍ତିରେ ଯେଉଁମାନେ ପାଇ ନ ଥିଲେ ସେମାନଙ୍କୁ ଦିଆଯିବାର ଥିଲା। ମାତ୍ର ପଲିଥିନ ସେମାନଙ୍କୁ ଦିଆ ନ ଯାଇ ଗାଁ ଲାଇବ୍ରେରୀ ଘରେ ରଖାଯାଇଛି। ସେହିପରି ଗାଁ ଲୋକେ ଅଳିଆ ଆବର୍ଜନା ସଫା କରିଥିବାବେଳେ ଏ ବାବଦ ଟଙ୍କା ହଡ଼ପ ହୋଇଛି। ଆଗକୁ ବର୍ଷାଦିନ ଆସୁଛି। ମାତ୍ର ଏ ପର୍ଯ୍ୟନ୍ତ ଘରଭଙ୍ଗା କିମ୍ବା ନଡ଼ିଆ ଗଛ ଭଙ୍ଗା ଆଦିର କ୍ଷୟକ୍ଷତି ଆକଳନ କରାଗଲା ନାହିଁ। ପ୍ରଶାସନ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି।

### କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଯୋଜନା ପ୍ରସ୍ତୁତ

ପୁରୀ ଅଫିସ,୨୦।୫: ବାତ୍ୟା ଫନିରେ ଗ୍ରାମାଞ୍ଚଳରେ ପଡ଼ିରହିଥିବା ଭଗ୍ନାବଶେଷ ଓ ବିଭିନ୍ନ ବର୍ଜ୍ୟ ସାମଗ୍ରୀ ସୁପରିଚାଳନା କରିବା ଲାଗି ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି । ଏ ନେଇ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳ ବଲୱନ୍ତ ସିଂ, ପଞ୍ଚାୟତିରାଜ ବିଭାଗର ଉଚ୍ଚପଦସ୍ଥ ଅଧିକାରୀ ଏବଂ ବିଶେଷଜ୍ଞ ଦଳଙ୍କ ମଧ୍ୟରେ ଆଲୋଚନା ହୋଇଛି। ମଙ୍ଗଳବାରଠାରୁ ୬ଦିନ ପର୍ଯ୍ୟନ୍ତ ଜିଲାର ଗ୍ରାମାଞ୍ଚଳରେ ଟିମ୍ ବୁଲିବେ। ବର୍ଜ୍ୟବସ୍ତୁ ପରିଚାଳନା ଦିଗରେ ସର୍ବେକ୍ଷଣ କରି ଏକ କ୍ରିୟାନୁଷ୍ଠାନ ଯୋଜନା ପ୍ରସ୍ତୁତ କରିବେ। ବଡ଼ ବଡ଼ କାଠଗଣ୍ଡି, ଆଜବେଷ୍ଟସ ଓ ଭଙ୍ଗାଘରର ଅଂଶବିଶେଷ, ପ୍ଲାଷ୍ଟିକ ସାମଗ୍ରୀ ଆଦିକୁ ଉପଯୁକ୍ତ ସ୍ଥାନରେ ରଖାଯିବ। ପାଣି ଜମିଥିବା ସ୍ଥାନ ଏବଂ ବାତ୍ୟା ପରେ ବ୍ୟବହାର ଅନୁପଯୋଗୀ ଜଳକୁ ତୁରନ୍ତ ସଫା କରାଯିବ। ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଏହି କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ସମ୍ପାଦନ କରାଯିବା ଲାଗି ନିଷ୍ପତ୍ତି ହୋଇଛି। ଏହି ବୈଠକରେ ପଞ୍ଚାୟତିରାଜ ବିଭାଗର ଯୁଗ୍ମ ସଚିବ ଶୁଭମ୍ ଦାଶ, ବିଶେଷଜ୍ଞ ଦଳ ଏବଂ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

### କ୍ଷୟକ୍ଷତି ଆକଳନ କରୁଛନ୍ତି ୩୦୦ ଟିମ୍

ପୁରୀ ଅଫିସ,୨୦।୫: ବାତ୍ୟାରେ ପୁରୀ ଜିଲାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଶହ ଶହ ଘର, ଗଛ ଭାଙ୍ଗିଥିବା ବେଳେ ବହୁ ପରିମାଣରେ ଫସଲହାନି ଘଟିଛି। ସରକାରଙ୍କ ପକ୍ଷରୁ ବିଭିନ୍ନ ଅଞ୍ଚଳରେ କ୍ଷୟକ୍ଷତିର ଆକଳନ ଚାଲିଛି। ଏହି କାର୍ଯ୍ୟରେ ପ୍ରାୟ ୩୦୦ ଟିମ୍ ନିୟୋଜିତ ଥିବା ଜିଲାପାଳ ବଲୱନ୍ତ ସିଂ ସୋମବାର ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଗତ ୧୬ତାରିଖରୁ ଜିଲାର ଗ୍ରାମାଞ୍ଚଳରେ କ୍ଷୟକ୍ଷତି ଆକଳନ ଆରମ୍ଭ ହୋଇଛି। ଏଥିରେ ୩୦୦ ଟିମ୍ ନିୟୋଜିତ ହୋଇଛନ୍ତି। ସହରାଞ୍ଚଳରେ ଆକଳନ ଲାଗି ଅଧିକ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ)ଙ୍କ ଆବଶ୍ୟକତା ରହିଛି। ଖୁବ୍‌ଶୀଘ୍ର ସହରାଞ୍ଚଳରେ ଏହା ଆରମ୍ଭ ହେବ। ଗ୍ରାମାଞ୍ଚଳରେ ଚାଲିଥିବା ଆକଳନ ମଧ୍ୟରେ କୃଷି, ଉଦ୍ୟାନ କୃଷି, ମତ୍ସ୍ୟଚାଷ, ଗୋ ସମ୍ପଦର ମଧ୍ୟ ଅନୁଧ୍ୟାନ କରାଯାଉଛି । ପ୍ରାୟ ୧୨୦୦ ଲୋକ ଏଥିରେ ସାମିଲ ଅଛନ୍ତି । ୨୫ ତାରିଖ ସୁଦ୍ଧା ଆକଳନ ସାରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଜିଲାପାଳ ପ୍ରକାଶ କରିଛନ୍ତି।

### ଜିଲାରେ ୩,୮୯,୨୦୮ ପ୍ୟାକେଟ ନାପ୍‌କିନ ଦିଆଯିବ

ପୁରୀ ଅଫିସ,୨୦।୫: ବାତ୍ୟା କ୍ଷତିଗ୍ରସ୍ତ ପୁରୀ ଜିଲାରେ ସାନିଟାରୀ ନାପ୍‌କିନ ବଣ୍ଟନ କରାଯାଉଛି। ସରକାରଙ୍କ ପକ୍ଷରୁ ୩,୨୭,୦୩୬ ପ୍ୟାକେଟ ସାନିଟାରୀ ନାପ୍‌କିନ ପ୍ରଦାନ କରାଯାଇଥିବାବେଳେ ବେସରକାରୀ ସଂସ୍ଥା ପକ୍ଷରୁ ୬୨,୧୭୨ ପ୍ୟାକେଟ ଏହିଭଳି ମୋଟ ୩,୮୯,୨୦୮ ପ୍ୟାକେଟ୍ ବଣ୍ଟାଯିବ। ପିପିଲିରେ ୨୬,୭୮୩ ପ୍ୟାକେଟ୍, ଡେଲାଙ୍ଗରେ ୨୬,୮୧୭, କଣାସରେ ୨୬,୮୧୭, ଅସ୍ତରଙ୍ଗରେ ୧୬,୭୬୭, କାକଟପୁରରେ ୩୦,୧୩୩, ପୁରୀ ସଦରରେ ୫୯,୫୩୨, ପୁରୀ ପୌରାଞ୍ଚଳରେ ୨୩,୬୫୨, ସତ୍ୟବାଦୀରେ ୩୦,୧୬୬, କୃଷ୍ଣପ୍ରସାଦରେ ୪୨,୯୬୭, ନିମାପଡ଼ାରେ ୩୩,୫୬୬, ଗୋପରେ ୪୩,୫୩୮ ଏବଂ ବ୍ରହ୍ମଗିରିରେ ୨୮,୪୭୦ ପ୍ୟାକେଟ୍ ବଣ୍ଟନ କରାଯିବ। ଏଥିନିମନ୍ତେ ୧୫୪୦ଜଣ ଆଶାକର୍ମୀ ଏବଂ ୩୫୦ଜଣ ଏଏନ୍‌ଏମ୍ ନିୟୋଜିତ ହୋଇଛନ୍ତି ।

## ■ ବାତ୍ୟାକୁ ୧୮ ଦିନ ବିତିଲା

# ସ୍ୱାଭାବିକ ହୋଇପାରୁନି ବିଦ୍ୟୁତ୍ ସେବା

ନିମାପଡ଼ା,୨୦।୫(ଡି.ଏନ୍.ଏ.):



ଟ୍ରାକ୍ଟରରେ ବିଦ୍ୟୁତ୍ ଖୁଣ୍ଟକୁ ନିଆଯାଉଛି ।

ପ୍ରଳୟଙ୍କରୀ ବାତ୍ୟା 'ଫନୀ'ରେ ନିମାପଡ଼ା ବ୍ଲକର ୩୨ପଞ୍ଚାୟତ ଓ ଏନ୍‌ଏସିର ୧୧ୱାର୍ଡରେ ବିଦ୍ୟୁତ୍ ବିଭାଗର ବ୍ୟାପକ କ୍ଷତି ଘଟିଛି। ଫଳରେ ବାତ୍ୟାର ୧୮ଦିନ ପରେ ବି ନିମାପଡ଼ା ଅଞ୍ଚଳରେ ବିଦ୍ୟୁତ୍ ସେବା ସ୍ୱାଭାବିକ ହୋଇପାରୁନାହିଁ। ଏନେଇ ସାଧାରଣରେ ଅସନ୍ତୋଷ ଦେଖାଯାଇଛି। ଏନ୍‌ଏସିର ୧୧ୱାର୍ଡର ଗଡ଼ଅଣ୍ଡିଆ, ଅଣ୍ଡିଆ ଶାସନ, ଭୁବନପୁର, ନିମାପଡ଼ା ବଜାର, ଗୋପୀନାଥ ପାଟଣା, ଦେବୀ ମଣ୍ଡପ ସାହି, ପତିତପାବନପାଟଣା, ଅମଲାପଡ଼ା, ଜୟଶ୍ରୀ ଛକ, ନୂଆମଠସାହି, ଶ୍ୟାମସୁନ୍ଦରପୁର, ଦୋଳବେଦି ଛକ ଅଞ୍ଚଳକୁ ସାମୟିକ ଭାବେ ବିଦ୍ୟୁତ୍ ସେବା ଯୋଗାଇ ଦିଆଯାଉଥିବା ବେଳେ ସକାଳୁ ପ୍ରାୟ ରାତି ୧୧ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ସଂଯୋଗ ବନ୍ଦ ରହୁଛି। ଅନ୍ୟପକ୍ଷରେ ଏନ୍‌ଏସିର କେତେକ ୱାର୍ଡରେ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବାରୁ ଲୋକେ ଏବେ ବି ଅନ୍ଧାରରେ ରହିଛନ୍ତି। ଉକ୍ତ ୱାର୍ଡର ଲୋକମାନେ ଉତ୍ତେଜିତ ହୋଇ ବିଦ୍ୟୁତ୍ କାର୍ଯ୍ୟାଳୟ ଆଗରେ ହୋହଲ୍ଲା କରିବା ସହ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ଧମକ ଦେଉଥିବା ଦେଖାଯାଉଛି। ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରତ୍ୟୁଷ ମିଶ୍ର ଓ କନିଷ୍ଠ ଯନ୍ତ୍ରୀ ପ୍ରଦୀପ କୁମାର ସାହୁ କୁହନ୍ତି, ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ ଚାଲିଛି। ପୁନରୁଦ୍ଧାର କାର୍ଯ୍ୟରେ ପ୍ରାୟ ୨ଶହ ବିଦ୍ୟୁତ୍ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଏନ୍‌ଏସି ଅଞ୍ଚଳରେ ଥିବା ୬୦ସବ୍‌ଷ୍ଟେଶନରୁ ୪୦ସବ୍‌ଷ୍ଟେଶନ ମରାମତି କାର୍ଯ୍ୟ ସରି ଏନ୍‌ଏସିର ୭୫ପ୍ରତିଶତ ଉପଭୋକ୍ତାଙ୍କୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି। ଅବଶିଷ୍ଟ ୨୫ପ୍ରତିଶତ ଉପଭୋକ୍ତାଙ୍କୁ ଦୁଇ ଦିନ ମଧ୍ୟରେ ବିଦ୍ୟୁତ୍ ସଂଯୋଗ ଦିଆଯିବ ବୋଲି କହିଛନ୍ତି। ନିମାପଡ଼ା ମେଡିକାଲ ଓ ଥାନାରେ ବିଦ୍ୟୁତ୍ ସଂଯୋଗ ଦିଆଯାଇଥିବା ବେଳେ ଅଦ୍ୟାବଧି ଅନ୍ୟ ସରକାରୀ ଅଫିସକୁ ବିଦ୍ୟୁତ୍ ସଂଯୋଗ ହୋଇପାରି ନାହିଁ। ଫଳରେ ଅଫିସ କାର୍ଯ୍ୟ ଠପ ହୋଇଯାଇଛି। ବାତ୍ୟା ପରେ ବିଦ୍ୟୁତ୍ ସଂଯୋଗ ନ ଥିବାରୁ ବ୍ଲକର ୩୨ପଞ୍ଚାୟତରେ ଥିବା ୩୪ପମ୍ପ ହାଉସରୁ ପାନୀୟ ଜଳଯୋଗାଣ ହୋଇପାରୁ ନ ଥିବାରୁ ଗ୍ରାମରେ ପାନୀୟ ଜଳ ସଙ୍କଟ ଲାଗି ରହିଛି। ନିମାପଡ଼ାର ସମସ୍ତ କାର୍ଯ୍ୟାଳୟ ଓ ଅଞ୍ଚଳରେ ସମ୍ପୂର୍ଣ୍ଣ ବିଦ୍ୟୁତ୍ ସଂଯୋଗ କରିବାକୁ ଦାବି ହେଉଥିବା ବେଳେ ଯନ୍ତ୍ରୀଙ୍କ ପ୍ରତିଶ୍ରୁତି ପ୍ରତାରଣା ପାଲଟିଥିବା ସାଧାରଣରେ ଆଲୋଚନା ହେଉଛି।

# ସହଯୋଗ ମିଳିଲେ ସଂଯୋଗ ତ୍ୱରାନ୍ୱିତ ହେବ: ଜିଲାପାଳ

ପୁରୀ ଅଫିସ,୨୦।୫:

ବାତ୍ୟା 'ଫନୀ'କୁ ୧୮ ଦିନ ବିତିଲା। ହେଲେ ଏ ପର୍ଯ୍ୟନ୍ତ ପୁରୀ ସହରରେ ବିଦ୍ୟୁତ୍ ସରବରାହ ସମ୍ପୂର୍ଣ୍ଣ ହୋଇପାରିଲା ନାହିଁ। ସହରର ୩୫ହଜାର ଉପଭୋକ୍ତାଙ୍କ ମଧ୍ୟରୁ ସୋମବାର ସୁଦ୍ଧା ପ୍ରାୟ ୧୫ ହଜାର ଘରକୁ ସଂଯୋଗ ଦିଆଯାଇଛି। ଆହୁରି ୨୦ ହଜାର ଉପଭୋକ୍ତା ବିଦ୍ୟୁତ୍ ସେବାରୁ ବଞ୍ଚିତ ରହିଛନ୍ତି। ତେଣୁ ଏହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଜାରି ରହିଛି। ବର୍ତ୍ତମାନ ପ୍ରବଳ ଖରା ଓ ଗୁଳୁଗୁଳି ହେଉଥିବାରୁ ଲୋକେ ଅଧିକ ଉତ୍ତ୍ୟକ୍ତ ହୋଇପଡୁଛନ୍ତି। ତେଣୁ ବିଭିନ୍ନ ସ୍ଥାନରେ ରାସ୍ତାରୋକୋ ଏବଂ ଆନ୍ଦୋଳନ କରୁଛନ୍ତି। ମାତ୍ର ଏଭଳି ସମୟରେ ଲୋକଙ୍କୁ ଧୈର୍ଯ୍ୟ ଧରିବାକୁ ଜିଲାପାଳ ବଲୱନ୍ତ ସିଂ ନିବେଦନ କରିଛନ୍ତି। ପ୍ରଶାସନକୁ ସହଯୋଗ କଲେ ପୁନରୁଦ୍ଧାର କାମ ଅଧିକ ତ୍ୱରାନ୍ୱିତ ହୋଇପାରିବ ବୋଲି ସେ କହିଛନ୍ତି। ବିଦ୍ୟୁତ୍ ଯୋଗାଣ ସମ୍ପର୍କରେ ସୋମବାର ଗଣମାଧ୍ୟମକୁ ସୂଚନା ଦେଇ ଜିଲାପାଳ ସିଂ କହିଛନ୍ତି, ଲୋକେ ଆନ୍ଦୋଳନ ଏବଂ ବିରୋଧ କରିବା ସ୍ୱାଭାବିକ। ବର୍ତ୍ତମାନ ଖରାରେ ଲୋକେ ଅସ୍ତବ୍ୟସ୍ତ ହୋଇପଡୁଛନ୍ତି। ତଥାପି ପରିସ୍ଥିତିକୁ ବିଧାନ ଦେବା କଥା। ପୁନରୁଦ୍ଧାର କାମରେ ଯେଉଁମାନେ ଲାଗିଛନ୍ତି ସେମାନଙ୍କୁ ସହଯୋଗ କରିବା ଦରକାର। ହେଲେ ବିଭିନ୍ନ ସ୍ଥାନରେ ସେମାନଙ୍କୁ ବିରୋଧ କରାଯାଉଛି। ରବିବାର ବିଦ୍ୟୁତ୍ ବିଭାଗ ପକ୍ଷରୁ ୪ହଜାର ଉପଭୋକ୍ତାଙ୍କୁ ସଂଯୋଗ ଦିଆଯିବା ଲାଗି ସ୍ଥିର ହୋଇଥିଲା। କିନ୍ତୁ କିଛି ଅଞ୍ଚଳରେ କେତେକ ଅସାମାଜିକ ବ୍ୟକ୍ତି କାମ କରିବାରେ ବାଧା ସୃଷ୍ଟି କଲେ। ଫଳରେ ୮୦୦ ଉପଭୋକ୍ତାଙ୍କୁ ସଂଯୋଗ ଦିଆଯାଇପାରିଲା ନାହିଁ। ତେଣୁ ଜନସାଧାରଣଙ୍କୁ ନିବେଦନ ସେମାନେ ସହଯୋଗ କଲେ ୩/୪ ଦିନ ମଧ୍ୟରେ ସହରର ସବୁ ଉପଭୋକ୍ତାଙ୍କୁ ସଂଯୋଗ ଦିଆଯାଇପାରିବ ବୋଲି ଜିଲାପାଳ ପ୍ରକାଶ କରିଛନ୍ତି। ବର୍ତ୍ତମାନ ସୁଦ୍ଧା କେତେଜଣଙ୍କୁ ସଂଯୋଗ ଦିଆଯାଇଛି ପ୍ରଶ୍ନରେ ଜିଲାପାଳ କହିଥିଲେ, ମୋଟ ୩୫ ହଜାର ଉପଭୋକ୍ତାଙ୍କ ମଧ୍ୟରୁ ପ୍ରାୟ ୧୫ ହଜାର ପରିବାରକୁ ସଂଯୋଗ ଦିଆସରିଲାଣି । କିନ୍ତୁ ଲୋକଙ୍କ ଯୋଗୁ ହିଁ ବିଳମ୍ବ ହେଉଛି । ସେ ସାହିକୁ କାହିଁକି ଆଗ ଦିଆଗଲା, ଆମ ସାହିକୁ ଦିଆଗଲାନି ଏହିପରି ମନୋଭାବ ରଖି ଅଧିକାଂଶ ଅଞ୍ଚଳରେ ପୁନରୁଦ୍ଧାର କାମରେ ଲାଗିଥିବା ଲୋକଙ୍କୁ ବିରୋଧ କରାଯାଉଛି। ଏପରି ମାନସିକତାରୁ ଦୂରେଇ ପ୍ରଶାସନକୁ ସହଯୋଗ କଲେ ବିଦ୍ୟୁତ୍ ସଂଯୋଗ ତ୍ୱରାନ୍ୱିତ ହୋଇପାରିବ ବୋଲି ଜିଲାପାଳ ସିଂ କହିଛନ୍ତି ।

## ■ ୨୩ରେ ଭୋଟ ଗଣତି

# ୬ ନିର୍ବାଚନମଣ୍ଡଳୀ ପାଇଁ ୮ ପ୍ରକୋଷ୍ଠ

ପୁରୀ ଅଫିସ,୨୦।୫:

ଆସନ୍ତା ୨୩ ତାରିଖରେ ଭୋଟ ଗଣତି ହେବ। ଏଥିଲାଗି ପୁରୀ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚାଲିଛି। କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ଗଣତି ଲାଗି ଆନୁଷଙ୍ଗିକ ବ୍ୟବସ୍ଥା କରାଯାଉଛି । ତେବେ ଗଣତି ନେଇ କି ପ୍ରକାର ପ୍ରସ୍ତୁତି ଚାଲିଛି ସେ ସମ୍ପର୍କରେ ସୋମବାର ଗଣମାଧ୍ୟମକୁ ସୂଚନା ଦେଇ ଜିଲାପାଳ ବଲୱନ୍ତ ସିଂ କହିଛନ୍ତି, ନିର୍ବାଚନ କମିଶନଙ୍କ ନିୟମ ଅନୁସାରେ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଉଛି। ଜିଲାର ୬ଟି ନିର୍ବାଚନମଣ୍ଡଳୀର ଭୋଟ ଗଣତି ହେବ। ଏଥିପାଇଁ କେନ୍ଦ୍ରୀୟ ବିଦ୍ୟାଳୟର ୮ଟି ପ୍ରକୋଷ୍ଠକୁ ପ୍ରସ୍ତୁତ କରାଯାଉଛି। ୪ଟି ନିର୍ବାଚନମଣ୍ଡଳୀ ପାଇଁ ୪ଟି ଏବଂ ଅନ୍ୟ ଦୁଇଟି ନିର୍ବାଚନ ମଣ୍ଡଳୀ ପାଇଁ ୨ଟି ଲେଖାଏ ରୁମ୍ ବ୍ୟବସ୍ଥା ହୋଇଛି । ଗଣତିରେ ସାମିଲ ରହୁଥିବା କର୍ମଚାରୀଙ୍କୁ ପୂର୍ବରୁ ପ୍ରଶିକ୍ଷଣ ଦିଆଯାଇଛି। ମଙ୍ଗଳବାର ମଧ୍ୟ ଆଉଥରେ ପ୍ରଶିକ୍ଷଣ ଦିଆଯିବ। ସେହିପରି ଗଣତି ସ୍ଥଳରେ ଗଣମାଧ୍ୟମ ପ୍ରତିନିଧି, ବିଭିନ୍ନ ଦଳର ଏଜେଣ୍ଟଙ୍କ ପାଇଁ ମଧ୍ୟ ବ୍ୟବସ୍ଥା ହେଉଛି। ସବୁ ନିର୍ବାଚନମଣ୍ଡଳୀ ଲାଗି ଜଣେ ଲେଖାଏ ଅବ୍‌ଜରଭର ରହିବେ। ଗଣତି ଲାଗି ସବୁ ପ୍ରକୋଷ୍ଠରେ ଏସି, ଲାଇଟ୍, ସିସିଟିଭି କ୍ୟାମେରା ବ୍ୟବସ୍ଥା କରାଯାଉଛି। ଜେନେସେଟ୍ ମାଧ୍ୟମରେ ବିଦ୍ୟୁତ୍ ବ୍ୟବସ୍ଥା କରାଯିବ। ଇଣ୍ଟରନେଟ୍ ଏବଂ ଯୋଗାଯୋଗ ପାଇଁ ଲିଜ୍ ଲାଇନ୍ ଦିଆଯାଉଛି। ମିଡିଆ କର୍ନର ପାଇଁ ସିଧା ପ୍ରସାରଣ ବ୍ୟବସ୍ଥା ହେଉଛି ବୋଲି ଜିଲାପାଳ ସିଂ ପ୍ରକାଶ କରିଛନ୍ତି।



କଟକ ସାରଳା ଭବନଠାରେ ସୋମବାର ଡ. ଦୋଳଗୋବିନ୍ଦ ଶାସ୍ତ୍ରୀ ଫାଉଣ୍ଡେଶନ ପକ୍ଷରୁ ପ୍ରଫେସର ବୈରାଗୀ ଚରଣ ଜେନାଙ୍କୁ ଡ. ଦୋଳଗୋବିନ୍ଦ ଶାସ୍ତ୍ରୀ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଉଛି ।

### ମୁଖ୍ୟମନ୍ତ୍ରୀଙ୍କୁ ଭେଟିବେ କୁକୁଡ଼ା ଚାଷୀ

କଣାସ,୨୦।୫(ଡି.ଏନ୍.ଏ.):

ବାତ୍ୟା 'ଫନୀ'ରେ କ୍ଷତିଗ୍ରସ୍ତ ହୋଇଥିବା ପୁରୀ ଜିଲାର କୁକୁଡ଼ା ଚାଷୀମାନେ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି କ୍ଷୟକ୍ଷତି ଓ ପୁନରୁଦ୍ଧାର ନେଇ ଦାବିପତ୍ର ପ୍ରଦାନ କରିବେ। ଏ ନେଇ ରବିବାର ହାଟସାହି ପଞ୍ଚାୟତ ବନ୍ତଳସଂହି କଲ୍ୟାଣମଣ୍ଡପ ଠାରେ ଅନୁଷ୍ଠିତ ସାଧାରଣ ପରିଷଦ ବୈଠକରେ ନିଷ୍ପତ୍ତି ହୋଇଛି। ରାଜ୍ୟ ସଂଘ ସମ୍ପାଦକ ପ୍ରଦ୍ୟୁମ୍ନ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପୁରୀ ଜିଲା ସଂଘ ସଂଯୋଜକ ଅଶୋକ ପ୍ରଧାନ , ରାଜ୍ୟ ସଂଘ ସଭାପତି ଜ୍ୟୋତି ରଞ୍ଜନ ମହାପାତ୍ର, ଡେଲାଙ୍ଗ ବ୍ଲକ ସଂଯୋଜକ ରମେଶ ପାଟଶାଣୀ, ବିପିନ ବଳବନ୍ତରାୟ ପ୍ରମୁଖ ଯୋଗଦେଇଥିଲେ। ଏନେଇ ପିପିଲି, ଡେଲାଙ୍ଗ, କଣାସ, ନିମାପଡା ଅଞ୍ଚଳର ପ୍ରାୟ ଏକ ହଜାରରୁ ଊର୍ଦ୍ଧ୍ୱ କୁକୁଡ଼ା ଚାଷୀ ଭୁବନେଶ୍ୱର କଳ୍ପନାଛକରେ ୯ଟାରେ ପହଞ୍ଚିବା କାର୍ଯ୍ୟକ୍ରମ ରହିଥିବା ରାଜ୍ୟ ସଂଘ ସମ୍ପାଦକ ପରିଡା କହିଛନ୍ତି।

### ବିପନ୍ନଙ୍କୁ ମିଳିନି ପଲିଥିନ୍

ଗୋପ,୨୦।୫(ଡି.ଏନ୍.ଏ.)

ଫନୀ ର ୧୮ଦିନ ପରେ ବି ଗୋପ ବ୍ଲକ ଅଧୀନ ପାଇକପଡ଼ା ଗ୍ରାମର ୨୦୦ରୁ ଊର୍ଦ୍ଧ୍ୱ ବିପନ୍ନ ସ୍କୁଲ ଘରେ ଆଶ୍ରୟ ନେଉଛନ୍ତି। ଏହି ବିପନ୍ନଙ୍କୁ ଏଯାବତ ପଲିଥିନଟିଏ ମିଳି ନାହିଁ। ରାଜସ୍ୱ ନିରୀକ୍ଷକ ଓ ଲୋକ ପ୍ରତିନିଧିଙ୍କ ଦ୍ୱାରା ପଲିଥିନ ଆତ୍ମସାତ ହେଉଥିବା ଅଭିଯୋଗ ପରେ ତହସିଲଦାର ତଦନ୍ତ କରିବେ ବୋଲି କହିଛନ୍ତି। ପ୍ରକାଶ ଯେ, ଗଡଭିଙ୍ଗୁରା ପଞ୍ଚାୟତର ଏହି ଗ୍ରାମର ବିପନ୍ନଙ୍କୁ ପଲିଥିନ ନ ମିଳିବା ନେଇ ୱାର୍ଡସଭ୍ୟ ଶଶିଭୂଷଣ ରାଉତରାୟ, ଅର୍ଜ୍ଜୁନ ଭୋଇ, ଶରତ କୁମାର ସାମନ୍ତରାୟ, ନିରଞ୍ଜନ ସାହୁଙ୍କ ସମେତ ଶତାଧିକ ବିପନ୍ନ ଗୋପ ତହସିଲଦାରଙ୍କ ନିକଟରେ ସୋମବାର ଅଭିଯୋଗ କରିଥିଲେ। ତହସିଲଦାର ପୃଥିରାଜ ମଣ୍ଡଳ କୁହନ୍ତି, ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି କହିଛନ୍ତି।

# ଏଲ୍ ଆଣ୍ଡ୍ ଡି ଗ୍ଲୋବାଲ୍ ପକ୍ଷରୁ ରିଲିଫ୍ ବଣ୍ଟନ



ଭୁବନେଶ୍ୱର, ୨୦।୫(ବ୍ୟୁରୋ)

ଲର୍ଣ୍ଣିଂ ଆଣ୍ଡ୍ ଡେଭଲପମେଣ୍ଟ ଭୁବନେଶ୍ୱର ଚାପ୍ଟର ପକ୍ଷରୁ ରବିବାର ପୁରୀର ପେଣ୍ଠକଟାସ୍ଥିତ ୩ ବସ୍ତି ଓ ଅନ୍ୟ କେତେକ ସ୍ଥାନରେ ରିଲିଫ୍ ସାମଗ୍ରୀ ବଣ୍ଟନ କରାଯାଇଥିଲା। ସଂସ୍ଥା ପକ୍ଷରୁ ବାତ୍ୟା ବିପନ୍ନଙ୍କୁ ଦୁଇ କୁଇଣ୍ଟାଲ ଚୁଡ଼ା, ୭୦ କିଗ୍ରା ଗୁଡ଼, ୬୦ ସୌର ଲଣ୍ଠନ, ୨୦୦ ବେଡ଼ସିଟ୍ ଓ ୨୦ ବସ୍ତା ପୋଷାକ ବଣ୍ଟନ କରାଯାଇଥିଲା। ସେହିଭଳି ପୁରୀସ୍ଥିତ ଗୋବର୍ଦ୍ଧନ ମଠକୁ ମଧ୍ୟ ଆଲୋକିତ କରିବା ପାଇଁ ୫ଟି ସୌର ଲଣ୍ଠନ ଓ ମଠ ଅଧ୍ୟକ୍ଷଙ୍କୁ ପୋଷାକ ପ୍ରଦାନ କରାଯାଇଥିଲା। ଆରାଧ୍ୟା ଚାରିଟେବୁଲ ଟ୍ରଷ୍ଟ ଅଧ୍ୟକ୍ଷା ସାଗରିକା ଶତପଥୀ ଓ ଜଗବନ୍ଧୁ ସିଂହ ମେମୋରିଆଲ ଟ୍ରଷ୍ଟର ଅନ୍ୟତମ ଟ୍ରଷ୍ଟି ସୁଚିତ୍ରା ଗୁପ୍ତା ଆର୍ଥିକ ସହାୟତା ପ୍ରଦାନ କରିବା ସହ ରିଲିଫ ବଣ୍ଟନ କରିଥିଲେ। ଏଲ୍ ଆଣ୍ଡ ଡି ସଦସ୍ୟ ଅରୁଣ ପ୍ରସାଦ ସାହୁ, ଯଶବନ୍ତ ସିଂଲାଲ୍, ହରେକୃଷ୍ଣ ପଟ୍ଟନାୟକ, ମଧୁମିତା ସ୍ୱାଇଁ, ସୁଜାତା ସିଂହ, ନିର୍ଦ୍ଦେଶକ ପୂର୍ଣ୍ଣ ରାଓ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।

# ସିବିଟି ପରୀକ୍ଷା ଘୁଞ୍ଚାଇବାକୁ ଦାବି

ପୁରୀ ଅଫିସ, ୨୦।୫:



ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଆନୁକୂଲ୍ୟରେ ଆଗାମୀ ୩୦ ଓ ୩୧ ତାରିଖ ଦୁଇଦିନ ଧରି ରାଜ୍ୟରେ ହାଇସ୍କୁଲ କଣ୍ଟ୍ରାକଚୁଆଲ ପରୀକ୍ଷା ଅନୁଷ୍ଠିତ ହେବ। ପ୍ରଥମ ଥର ଲାଗି କମ୍ପ୍ୟୁଟର ବେସ୍ ଟେଷ୍ଟ (ସିବିଟି) ମାଧ୍ୟମରେ ଏହି ପରୀକ୍ଷା ହେବ। ପୁରୀ ଜିଲାର ପ୍ରାୟ ୨ହଜାର ପରୀକ୍ଷାର୍ଥୀ ଏଥିରୁ ବଞ୍ଚିତ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ଏବେ ଜିଲାରେ ବିଦ୍ୟୁତ ସେବା ବନ୍ଦ ରହିଛି। ପରୀକ୍ଷା ଘୁଞ୍ଚାଇବା ପାଇଁ ସଂଗ୍ରାମ ମାନସିଂ, ଗୁରୁପ୍ରସାଦ ସାହୁ, ନମିତା ବିଶୋଇ, ପ୍ରତ୍ୟୁଷ ମହାନ୍ତି, ଅମରନାଥ ପଲାଇ, ଦିବ୍ୟଜ୍ୟୋତି ସାମନ୍ତରାୟ, କୃଷ୍ଣ ପୂଜାରୀ, ପ୍ରଣତି ଜାଲି ପ୍ରମୁଖ ଦାବି କରିଛନ୍ତି। ଏ ନେଇ ସେମାନେ ସୋମବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦେଇଛନ୍ତି। ସଂଗ୍ରାମ କହିଛନ୍ତି, ବାତ୍ୟାରେ ଆମ ଘର କ୍ଷତିଗ୍ରସ୍ତ ହୋଇଛି। ଏପରି ସ୍ଥିତିରେ ପରୀକ୍ଷା କରାଗଲେ ମୋ ଭଳି ବହୁ ଛାତ୍ରୀଛାତ୍ର ହଇରାଣ ହେବେ। ପରୀକ୍ଷା ଘୁଞ୍ଚାଇବା ପାଇଁ ଜିଲାପାଳଙ୍କୁ ଦାବିପତ୍ର ଦେଇଛୁ।

# ନୂଆଗାଁରେ ସ୍ୱରାଜ୍ୟ ଦ୍ୱିତୀୟା ପାଳିତ

ସାକ୍ଷୀଗୋପାଳ,୨୦।୫(ଡି.ଏନ୍.ଏ.):

ପୁରୀ ଜିଲା ସତ୍ୟବାଦୀ ବ୍ଲକର ଆଦର୍ଶ ଗ୍ରାମ ନୂଆଗାଁରେ ସୋମବାର ସ୍ୱରାଜ୍ୟ ଦ୍ୱିତୀୟା ପର୍ବ ପାଳିତ ହୋଇଯାଇଛି। ଗ୍ରାମଦେବୀ ଜୟଦୁର୍ଗା, କନକଦୁର୍ଗା, ରାଧାକୃଷ୍ଣ, ସୋମନାଥ ଓ ନୀଳକଣ୍ଠେଶ୍ୱର ଦେବ ରଥରେ ଗ୍ରାମ ପରିକ୍ରମା କରି ଦ୍ୱାରିଭୋଗ ଲାଗି ହେବା ପରେ ଠାକୁରଙ୍କୁ ସ୍ୱରାଜ୍ୟ ମଣ୍ଡପକୁ ବିଜେ କରାଯାଇଥିଲା। ସେଠାରେ ଠାକୁରଙ୍କ ପନ୍ତୀଭୋଗ, ଆଳତି ଓ ଉପଚାର କରାଯାଇ ଠାକୁରଙ୍କୁ ସନ୍ଧ୍ୟା ପୂର୍ବରୁ ମନ୍ଦିରକୁ ଅଣାଯାଇଥିଲା। ସୂଚନାଥାଉ କି, ଗାନ୍ଧିଜୀଙ୍କ ପଞ୍ଚଶୀଳ ନୀତି ଗ୍ରାମ ସ୍ୱରାଜ୍ୟରେ ଉଦବୁଦ୍ଧ ହୋଇ ୧୯୨୮ରେ ଦାମୋଦରପୁର, ସାମନ୍ତରାପୁର ଓ ବରହମପୁର ଗ୍ରାମ ଏକତ୍ରୀକରଣ ହୋଇ ନୂଆଗାଁ ଗ୍ରାମ ନାମରେ ଗଠନ ହୋଇଥିଲା। ଏହି ପର୍ବରେ ଗ୍ରାମବାସୀଙ୍କ ସହିତ ବନ୍ଧୁବାନ୍ଧବ ସାମିଲ ହୋଇ ସ୍ୱରାଜ୍ୟ ପଡିଆରେ ଠାକୁରଙ୍କୁ ଭୋଗ ଲଗାଯାଇଥିବା ଚୁଡା କଦମ୍ବା, ଚୁଡା ପଖାଳ, ଡାଲମା, ଖିରୀ, କଦଳୀ ଚକଟା, ଖଇ, ଉଖୁଡ଼ା, ଖଟା, ଫଳ ଆଦି ପ୍ରସାଦ ସେବନ କରିଥାନ୍ତି। ଚଳିତବର୍ଷ ଏହି ପର୍ବକୁ ଅଧିକ ଆକର୍ଷଣୀୟ କରିବାକୁ ଗ୍ରାମବାସୀ ମନସ୍ଥ କରିଥିବା ବେଳେ ବାତ୍ୟା 'ଫନୀ' ଯୋଗୁ ପ୍ରସାଦ ସେବନବ୍ୟବସ୍ଥା ବାତିଲ କରାଯାଇଥିଲା।

# ବିଦ୍ୟୁତ୍ ସେବା ସ୍ୱାଭାବିକ ପାଇଁ ଉଦ୍ୟମ

ଭୁବନେଶ୍ୱର,୨୦।୫(ବ୍ୟୁରୋ)

ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ପକ୍ଷରୁ ବାତ୍ୟା ପରବର୍ତ୍ତୀ ପୁନର୍ନିର୍ମାଣ କାର୍ଯ୍ୟ ଅବ୍ୟାହତ ରହିଛି। ବାତ୍ୟା କ୍ଷତିଗ୍ରସ୍ତ ସମସ୍ତ ଜିଲାରେ ବିଦ୍ୟୁତ୍ ଭିତ୍ତିଭୂମି ସଜଡ଼ାଯାଇ ପ୍ରାୟ ୯୦ପ୍ରତିଶତରୁ ଊର୍ଦ୍ଧ୍ୱ ଉପଭୋକ୍ତାଙ୍କୁ ବିଦ୍ୟୁତ୍ ପୁନଃସଂଯୋଗ ଦିଆଯାଇଛି। ପୁରୀ ସହରରେ ଉପଭୋକ୍ତାମାନଙ୍କୁ ଶୀଘ୍ର ବିଦ୍ୟୁତ୍ ପୁନଃସଂଯୋଗ ପାଇଁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଚାଲିଥିବା ବେଳେ ଜିଲାର ୧୯ହଜାରରୁ ଊର୍ଦ୍ଧ୍ୱ ଉପଭୋକ୍ତା ବିଦ୍ୟୁତ୍ ସେବା ପାଇପାରିଛନ୍ତି। ପିଇଡି ଡିଭିଜନ ଅନ୍ତର୍ଗତ ୫୬ ଫିଡରରୁ ୧୨ କାର୍ଯ୍ୟକ୍ଷମ ହୋଇଥିବା ବେଳେ ନିମାପଡ଼ା ଅଞ୍ଚଳରେ କାର୍ଯ୍ୟ କରୁଥିବା ଏନ୍‌ଇଡି ଡିଭିଜନ ଅନ୍ତର୍ଗତ ୨୮ ଫିଡରରୁ ୫ କାର୍ଯ୍ୟକ୍ଷମ ହୋଇଛି। ବିଦ୍ୟୁତ୍ ସଂଯୋଗୀକରଣ କ୍ଷେତ୍ରରେ କଟକ, ଖୋର୍ଦ୍ଧା, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା ଜିଲାରେ ଉଲ୍ଲେଖନୀୟ ଅଗ୍ରଗତି ଘଟିଛି। ସମଗ୍ର କଟକ ଜିଲାରେ ବର୍ତ୍ତମାନ ସୁଦ୍ଧା ୯୨ପ୍ରତିଶତ ଉପଭୋକ୍ତାଙ୍କୁ ବିଦ୍ୟୁତ ପୁନଃସଂଯୋଗ କରାଯାଇଛି। ଖୋର୍ଦ୍ଧା ଜିଲାରେ ଏବେ ସୁଦ୍ଧା ୯୪ପ୍ରତିଶତ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ ହୋଇଛି। ସେହିଭଳି ଜଗତ୍‌ସିଂହପୁର ଜିଲାରେ ୮୯% ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ ହୋଇଥିବା ବେଳେ ଅବଶିଷ୍ଟ ଉପଭୋକ୍ତାଙ୍କୁ ଯଥାଶୀଘ୍ର ବିଦ୍ୟୁତ୍ ଯୋଗାଣ ପାଇଁ କାର୍ଯ୍ୟ ଚାଲିଛି ।

## ■ ଘରଭଙ୍ଗା ସର୍ଭେ, ଥଇଥାନ ଦାବି

# ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ ଲୋକେ

ପୁରୀ ଅଫିସ, ୨୦।୫:



ଟିକରପଡ଼ା ପ୍ରଧାନସାହିର ମହିଳାମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି ।

ବାତ୍ୟାରେ ପୁରୀ ସହରରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ବସ୍ତିଗୁଡ଼ିକ ଛାରଖାର ହୋଇ ଯାଇଛି। ରିଲିଫ ବଣ୍ଟନ ପରେ ଘରଭଙ୍ଗା ସର୍ଭେ ଆରମ୍ଭ ହୋଇଛି। ତେବେ ଅନେକ କ୍ଷତିଗ୍ରସ୍ତ ଅଞ୍ଚଳରେ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ସର୍ଭେ ଓ ଥଇଥାନ କରାଯିବା ଦାବିରେ ସୋମବାର ପୂର୍ବାହ୍ନ ୧୧ଟାରେ ପୁରୀ ପୌର ପରିଷଦ ଅଧୀନ ୧ନମ୍ବର ୱାର୍ଡର ନରେନ୍ଦ୍ରକୋଣସ୍ଥିତ ମା' ମଙ୍ଗଳା ବସ୍ତି ଓ ପ୍ରେମକୁଞ୍ଜ ଆଶ୍ରମ ନିକଟ ବସ୍ତିବାସିନ୍ଦାଙ୍କ ସମେତ ୱାର୍ଡ ନଂ.୨୯/୩୦ ଟିକରପଡ଼ା ପ୍ରଧାନ ସାହିର ଲୋକେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ଏପର୍ଯ୍ୟନ୍ତ କ୍ଷୟକ୍ଷତିର ଆକଳନ ଲାଗି ସର୍ଭେ କରାଯାଉନାହିଁ। ବାତ୍ୟା ପରଠାରୁ ବସ୍ତିଗୁଡ଼ିକ ଅନ୍ଧାରରେ ରହିଛି। ଖଣ୍ଡେ ଜରିପାଲରେ ବିପନ୍ନମାନେ ଭାଗ୍ୟକୁ ଆଦରି ପଡ଼ିରହିଛନ୍ତି। ଦିନରେ ଅସହ୍ୟ ଖରା ଓ ରାତିରେ ଗୁଳୁଗୁଳି ସାଙ୍ଗକୁ ମଶାମାଛିଙ୍କ ଦୌରାତ୍ମ୍ୟରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଲାଣି। ସାହିବସ୍ତିରେ ଭାଙ୍ଗିପଡ଼ିଥିବା ଗଛ ଓ ବିଦ୍ୟୁତ ଖୁଣ୍ଟ ଉଠାଯାଇନାହିଁ। ବିଦ୍ୟୁତ ତାରଗୁଡ଼ିକ ଗୁଡ଼ାଇତୁଡ଼ାଇ ଓହଳି ପଡ଼ିରହିଛି। ପାନୀୟଜଳ ଯୋଗାଣ ହେଉନାହିଁ। ସହାୟତା ମଧ୍ୟ ଯୋଗାଇ ଦିଆଯାଉନାହିଁ। ପ୍ରଶାସନ ଆମକୁ ଅଣଦେଖା କରୁଛି ବୋଲି ମହମ୍ମଦ ରଫିକ ଓ ରତ୍ନାକର ନାୟକ ପ୍ରମୁଖ କହିଛନ୍ତି।